

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୨ ● ସଂଖ୍ୟା–୬୧ ● ୩୦ ମାର୍ଚ୍ଚ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-61 ● 30th March 2025, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

DSPL-436

ଓଡ଼ିଶା ଶାସନ

ଅନ୍ତ୍ୟୋଦୟ ଗୃହ ଯୋଜନା



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ **ଶ୍ରୀ ମୋହନ ଚରଣ ମାଝୀ**ଙ୍କ
କରକମଳରେ

# ଅନ୍ତ୍ୟୋଦୟ ଗୃହ ଯୋଜନା

ପୂରଣ ହେବ ପକ୍କାଘର ଆଶା, ବିକଶିତ ହେବ ଆମ ଓଡ଼ିଶା

**ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ, ଶହୀଦ ପରିବାର, ଘରପୋଡ଼ି, ହାତୀ ଉପଦ୍ରବ, ବନ୍ୟା ବାତ୍ୟା କ୍ଷତିଗ୍ରସ୍ତ ଯୋଗ୍ୟ ପରିବାରଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୃହ ମଞ୍ଜୁର ହେବ ।**

**୩ ବର୍ଷରେ ବିନିଯୋଗ ହେବ ୭,୫୫୦ କୋଟି ଟଙ୍କା**

ଏବଂ

**ସମୁଦାୟ ୭୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ**

୩୦ ମାର୍ଚ୍ଚ ୨୦୨୫ । ଦିବା ୧୦.୩୦ ଘଟିକା
ଶ୍ରୀକୃଷ୍ଣ ନଗର ପଡ଼ିଆ, ରିସିଗାଁ, ଭବାନୀପାଟଣା, କଳାହାଣ୍ଡି

**www.rhodisha.gov.in** | ନିଃଶୁଳ୍କ ନମ୍ବର ୦୬୭୪- ୬୮୧୭୭୭୭

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

PRDeptOdisha | prdw_odisha | PRDWDeptOdisha

OIPR : 19001/13/0015/2425

୬ ମୁମ୍ବାଇକୁ ୩୬ ରନ୍‌ରେ ହରାଇଲା ଗୁଜରାଟ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୬୧ ● ୩୦ ମାର୍ଚ୍ଚ ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-61 ● 30th March 2025, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବ୍ୟୟମଞ୍ଜୁରୀ ବିଲ୍ ପାରିତ

# ଆଗାମୀ ୫ବର୍ଷରେ ଓଡ଼ିଶା ହେବ ଦେଶର ଶିଳ୍ପ ରାଜଧାନୀ

ଭୁବନେଶ୍ୱର, ୨୯।୩
ନ୍ୟୁଜ୍ ବ୍ୟୁରୋ

ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ବିଧାନସଭାରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ଓଡ଼ିଶା ରାଜ୍ୟର ଏକତ୍ରୀକୃତ ନିଧିରୁ ୩୦୫୫୩୭୬୯୨୩୦୦୦ ଟଙ୍କା ପ୍ରଦାନ ସମ୍ପର୍କିତ ବିନିଯୋଗ ବା ବ୍ୟୟମଞ୍ଜୁରୀ ବିଲ୍-୨୦୨୫ ଆଗତ କରିଥିଲେ। ଦୀର୍ଘ ସମୟ ଧରି ଏହା ଉପରେ ଗୃହରେ ସରଗରମ ଆଲୋଚନା ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ଆଲୋଚନାର ଉତ୍ତର ଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ବେଳେ ବିରୋଧୀ ଦଳ ବିଜେଡ଼ି ବିଧାୟକମାନେ ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ କେବଳ ଏକ ଆୟ ବ୍ୟୟର ହିସାବ ନୁହେଁ ଏହା ଓଡ଼ିଶାକୁ ବିକାଶର ରାଜରାସ୍ତାରେ ଦ୍ରୁତ ଗତିରେ ଦଉଡାଇବା ପାଇଁ ଏକ ସୁଚିନ୍ତିତ ରୋଡ୍ ମ୍ୟାପ୍। ସାମାଜିକ କଲ୍ୟାଣ ସହିତ ବିକାଶ





କରିବା ଏହି ବଜେଟ୍‌ର ମୂଳ ଲକ୍ଷ୍ୟ। ଏହି ବଜେଟ୍‌ରେ ଭିତ୍ତିଭୂମିର ବିକାଶ, କୃଷି, ଜଳସେଚନର ବିକାଶ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନ ଜୀବିକା ପାଇଁ ପ୍ରାବଧାନ କରାଯାଇଥିବା ବେଳେ ସାମାଜିକ ସୁରକ୍ଷା, ମହିଳା ସଶକ୍ତିକରଣ, ଦୁର୍ବଳ ବର୍ଗ ଲୋକଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା, ଖାଦ୍ୟ ସୁରକ୍ଷା ପାଇଁ ମଧ୍ୟ ଧ୍ୟାନ ଦିଆଯାଇଛି। ୨ଲକ୍ଷ ୯୦ ହଜାର କୋଟି ଟଙ୍କା ବଜେଟ୍ ଆକାର ହୋଇଥିବା ବେଳେ ଏହା ଚଳିତ ବଜେଟ୍ ଅଟକଳ ଠାରୁ ୧୦ ପ୍ରତିଶତ ଅଧିକ।

ମୁଖ୍ୟମନ୍ତ୍ରୀ କହିଥିଲେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟକୁ ସଫଳ କରିବା ପାଇଁ ଚଳିତ ବର୍ଷ ବଜେଟ୍‌ରୁ ଆରମ୍ଭ ହୋଇଥିବା ଏହି ଯାତ୍ରାରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଆଉ ଏକ ସଫଳ ପୃଷ୍ଠା। ୪ଟି ସ୍ତମ୍ଭ ବିଶେଷକରି ଜୀବନ ଜୀବିକା, ଭିତ୍ତିଭୂମିର ବିକାଶ, ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷାକୁ ନେଇ ନୂତନ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଢା ହେବ। କୃଷି ଓ କୃଷକମାନଙ୍କୁ ସଶକ୍ତ କରିବା ଲାଗି ଏହି କ୍ଷେତ୍ର ୨୦୨୫-୨୬ ବଜେଟ୍‌ରେ ୩୭ ହଜାର ୮୩୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଚାଷୀଙ୍କୁ ଧାନ କିଣା ପାଇଁ କ୍ୱିଣ୍ଟାଲ ପିଛା ଅଧିକ ୮୦୦ ଟଙ୍କା ପ୍ରଦାନ କରାଯାଇଛି ଏବଂ ଧାନର ସର୍ବନିମ୍ନ ସହାୟକମୂଲ୍ୟ ବାବଦରେ ୩୧୦୦ ଟଙ୍କା ଦିଆଯାଇଛି। ଆଗାମୀ ଦିନରେ କୃଷି ଓ କୃଷକଙ୍କ ଆୟକୁ ବହୁଗୁଣିତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିଗତ ୨୪ବର୍ଷର ସରକାର ଏ ଦିଗରେ କୌଣସି ପଦକ୍ଷେପ ନନେଇ କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ବୋଲି କହିଥିଲେ। ଏବେ ଆମ ସରକାର ଆଗାମୀ ୫ବର୍ଷରେ ଓଡ଼ିଶାର ଚାଷୀଙ୍କ ଆୟ ଦେଶର ଶ୍ରେଷ୍ଠ ୧୦ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇବା ଭଳି କାମ କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର ଆଗାମୀ ୫ବର୍ଷରେ ୧୫ ଲକ୍ଷ ହେକ୍ଟର ଜମିରେ ସେଚ ସାମର୍ଥ୍ୟ ସୃଷ୍ଟି କରିବା ପାଇଁ ଯୋଜନା କରିଛନ୍ତି। ଜଳସେଚନ ଓ ଜଳ ସଂରକ୍ଷଣର ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟାର ଉପଯୋଗ, ଚାହିଦା ଆଧାରିତ ଜଳ ଯୋଗାଣ ଏବଂ ଜଳସେଚନର ସୁପରିଚାଳନାକୁ ଉପଯୋଗ କରି ୨୦୨୫-୨୬ ଆର୍ଥିକ ବର୍ଷରେ ଅତିରିକ୍ତ ୨.୭୭ ଲକ୍ଷ ହେକ୍ଟର (ପୃଷ୍ଠା ୭ରେ)

# ମାଲକାନଗିରି ସୀମାନ୍ତରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୬ ନକ୍ସଲ ନିହତ

ମାଲକାନଗିରି, ୨୯।୩
ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ସୁକମା ଜିଲ୍ଲା ଅନ୍ତର୍ଗତ କେରଲାପାଲ ଜଙ୍ଗଲରେ ପୁଲିସ ଏବଂ ନକ୍ସଲ ମଧ୍ୟରେ ଗୁଳିବିନିମୟ ଚାଲିଛି। ଶନିବାର ଭୋର ସକାଳୁ ଏହି ଗୁଳିବିନିମୟ ଚାଲିଛି। ବିଶେଷ ସୂତ୍ରରୁ ଖବର ପାଇ ଜିଲ୍ଲା ପୁଲିସ, ସିଆରପିଏଫ ଏବଂ ଡ଼ିଆରଜି ଯବାନ କେରଲାପାଲ ଜଙ୍ଗଲରେ ଚଢ଼ଉ କରିଥିଲେ।

ଶନିବାର ସକାଳୁ ନକ୍ସଲ ଯବାନଙ୍କୁ ଦେଖି ଅତର୍କିତ ଗୁଳି ଚଳାଇଥିଲେ। ଯବାନ ମଧ୍ୟ ପାଲଟା ଜବାବ ଦେଇଥିଲେ। ଘଟଣାସ୍ଥଳରେ ସର୍ଚ୍ଚ ଅପେରସନ ବେଳେ ୧୬ ଜଣ ନକ୍ସଲଙ୍କ ଶବ ଜବତ କରାଯାଇଥିବା ଜଣାପଡ଼ିଛି। ଏହି ଗୁଳିବିନିମୟରେ ଦୁଇ ଜଣ ଯବାନ ଆହତ ମଧ୍ୟ ହୋଇଥିବା ସୂଚନା ମିଳିଛି। ବିପୁଳ ମାତ୍ରାରେ ମାଓ ସାମଗ୍ରୀ ମଧ୍ୟ ଜବତ କରାଯାଇଥିବା ଜଣାଯାଇଛି । ଏବେ ବି ସେଠାରେ ଗୁଳିବିନିମୟ ଚାଲିଛି। ଆହତ ଯବାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଯବାନମାନେ ଫେରିବା ପରେ ହିଁ ଅଧିକ ତଥ୍ୟ ମିଳିବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। (ପୃଷ୍ଠା ୭ରେ)



## ୨୦୨୬ ମାର୍ଚ୍ଚ ୩୧ ପୂର୍ବରୁ ନକ୍ସଲ ମୂଳପୋଛ

ନୂଆଦିଲ୍ଲୀ, ୨୯।୩

ଛତିଶଗଡ ଏନକାଉଣ୍ଟର ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶରୁ ନକ୍ସଲବାଦ ମୂଳୋତ୍ପାଟନ କରାଯିବ। ୨୦୨୬ ମାର୍ଚ୍ଚ ୩୧ ପୂର୍ବରୁ ନକ୍ସଲବାଦ ମୂଳପୋଛ କରାଯିବ। ନକ୍ସଲ ମାନଙ୍କୁ ମୁଖ୍ୟସ୍ରୋତକୁ ଫେରି ଆସିବାକୁ ଅମିତ ଶାହା ଅପିଲ କରିଛନ୍ତି। ହିଂସାରେ ପରିବର୍ତ୍ତନ ଆସେନି, କେବଳ ଶାନ୍ତି ଏବଂ ବିକାଶ ଦ୍ୱାରା ହିଁ ଏହା ସମ୍ଭବ ହୋଇଥାଏ।

ସୂଚନା ଅନୁସାରେ ଛତିଶଗଡ ସୁକମା ଜିଲ୍ଲା



ଅପମ୍ପଲି ଜଙ୍ଗଲରେ ଗୁଳି ବିନିମୟ ହୋଇଛି। ଡିଆରଜି ଏବଂ ସିଆରପିଏଫ କୋବ୍ରା ଯବାନଙ୍କ ମଧ୍ୟ ମିଳିତ ଅପରେସନ ହୋଇଛି। ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୧୬ ଜଣ ନକ୍ସଲ ନିହତ ହୋଇଥିବାବେଳେ ଦୁଇ ଯବାନ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।

## ଭିଆରଏସ୍ ନେଲେ ସୁଜାତା କାର୍ତ୍ତିକେୟନ



ଭୁବନେଶ୍ୱର, ୨୯।୩
ନ୍ୟୁଜ୍ ବ୍ୟୁରୋ

୨୦୦୦ ବ୍ୟାଚର ଆଇଏଏସ ଅଧିକାରୀ ସୁଜାତା କାର୍ତ୍ତିକେୟନ ଚାକିରିରୁ ଅବସର ନେଇଛନ୍ତି। ସୁଜାତା କାର୍ତ୍ତିକେୟନଙ୍କ ଭିଆରଏସ ଆବେଦନକୁ କେନ୍ଦ୍ର ସରକାର ଅନୁମୋଦନ କରିଥିବା ସୂଚନା ମିଳିଛି । ତେବେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ଖବର ପରେ ଏବେ ତାଙ୍କର ଆଗାମୀ ପଦକ୍ଷେପ କଣ ହେବ ତାହା ଉପରେ ସମସ୍ତଙ୍କ ନଜର ରହିଛି । ସୁଜାତା କାର୍ତ୍ତିକେୟନ ପାଖାପାଖି ପ୍ରାୟ ଗୋଟେ ମାସ ତଳୁ ସ୍ୱେଚ୍ଛାକୃତ ଅବସର ଲାଗି ଆବେଦନ କରିଥିଲେ। ହେଲେ ଏନେଇ ସରକାରୀସ୍ତରରେ ବାହାରକୁ ଖବର ପ୍ରକାଶ ପାଇ ନ ଥିଲା। ମାତ୍ର ଏବେ ତାଙ୍କ ଭିଆରଏସ ଆବେଦନ କେନ୍ଦ୍ର ଗ୍ରହଣ କରିଥିବା ନେଇ ବିଭାଗୀୟ ଚର୍ଚ୍ଚା ଜୋର ଧରିଛି।

ସୂଚନାଥାଉ କି, (ପୃଷ୍ଠା ୭ରେ)

## ୨୪ ଜିଲ୍ଲାରେ ଶ୍ରୀଜଗନ୍ନାଥଙ୍କର ୬୦, ୪୨୬.୯୪୩ ଏକର ଜମି

ଭୁବନେଶ୍ୱର, ୨୯।୩
ନ୍ୟୁଜ୍ ବ୍ୟୁରୋ

ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ଶ୍ରୀକ୍ଷେତ୍ର ପୁରୀଙ୍କ ନାମରେ ରାଜ୍ୟର ୨୪ଟି ଜିଲ୍ଲାରେ ଏ.୬୦, ୪୨୬.୯୪୩ ପରିମିତ ଜମି ରହିଥିବାର ଚିହ୍ନଟ କରାଯାଇଅଛି । ତନ୍ମଧ୍ୟରୁ ଅଦ୍ୟାବଧି ଏ. ୩୮,୦୬୧.୮୯୨ ପରିମିତ ଜମିର ସଂଶୋଧିତ ସ୍ୱତ୍ୱଲିପି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ପ୍ରାପ୍ତ ହୋଇଅଛି । ଶନିବାର ବିଧାନସଭାର ପ୍ରଶ୍ନକାଳରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି ।

ବିଧାୟକ ଦୁର୍ଗାଚରଣ ତନ୍ତୀଙ୍କ ଏ



ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ବାହାରେ ୬ଗୋଟି ପ୍ରଦେଶରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଏ.୩୯୫.୨୫୨ ପରିମିତ ଜମି ରହିଥିବାର ଚିହ୍ନଟ କରାଯାଇଅଛି।

ବେଆଇନ୍ ଭାବେ ଅବରୋଧ ହୋଇଥିବା ଶ୍ରୀଜିଉଙ୍କ ଜମିକୁ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଓ ଅଧିକାରୀମାନଙ୍କ ଦ୍ୱାରା ସରଜମିନ ତଦନ୍ତ ପୂର୍ବକ ଚିହ୍ନଟ କରାଯାଇ ଓଡିଶା ରାଜ୍ୟ ମଧ୍ୟରେ ୭ ଗୋଟି ଜିଲ୍ଲାରେ ଥିବା ଉକ୍ତ ଏ. ୧୬୯.୮୬୧୬୭ ପରିମିତ ଜମି ଉପରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ଦ୍ୱାରା କରାଯାଇଥିବା ଅବରୋଧକୁ ଉଚ୍ଛେଦ କରାଯିବା ନିମନ୍ତେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ-୧୯୫୫ର (ପୃଷ୍ଠା ୭ରେ)

## ୫ ବର୍ଷରେ ୯୫ ହଜାରରୁ ଅଧିକ ଶିଶୁ କୁପୋଷଣରେ ଆକ୍ରାନ୍ତ

ଭୁବନେଶ୍ୱର, ୨୯।୩
ନ୍ୟୁଜ୍ ବ୍ୟୁରୋ

ବିଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୯୫,୪୪୩ ଜଣ ଶିଶୁ ଗୁରୁତର କୁପୋଷଣ (ଏନଏଏମ)ରେ ଆକ୍ରାନ୍ତ ହୋଇଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପ୍ରକାଶ କରିଛନ୍ତି।

ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୯-୨୦ରେ ଓଡ଼ିଶାରେ ମୋଟ ୨୬,୮୨୭ ଜଣ ଶିଶୁ ଏସଏଏମରେ ଆକ୍ରାନ୍ତ ଥିଲେ । ୨୦୨୦-୨୧ରେ ଏହି ସଂଖ୍ୟା



୨୨,୬୪୧ ଥିଲା, ୨୦୨୧-୨୨ରେ ୧୬,୮୧୩ ଜଣ ଶିଶୁ, ୨୦୨୨-୨୩ରେ ୧୫,୪୨୬ ଜଣ ଶିଶୁ ଏବଂ ୨୦୨୩-୨୪ରେ ୧୩,୭୩୬ ଜଣ ଶିଶୁ ଏସଏଏମରେ ଆକ୍ରାନ୍ତ ହୋଇଥିଲେ।

ଉପମୁଖ୍ୟମନ୍ତ୍ରୀ ଶିଶୁ ପୁଷ୍ଟିହୀନତା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରି କହିଥିଲେ ସାରା ଓଡ଼ିଶାରେ କୁପୋଷଣ ନିୟନ୍ତ୍ରଣ (ପୃଷ୍ଠା ୭ରେ)

## ଦୁଇଚକିଆ ଯାନ ସହିତ ଦୁଇଟି ଆଇଏସ୍‌ଆଇ ପ୍ରମାଣିତ ହେଲମେଟ ଯୋଗାଇବା ବାଧ୍ୟତାମୂଳକ : ନୀତିନ ଗଡକରୀ

ନୂଆଦିଲ୍ଲୀ, ୨୯।୩

ଭାରତରେ ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏକ ବଡ ଘୋଷଣା କରିଛନ୍ତି ।

ଏହି ଘୋଷଣା ଅନୁଯାୟୀ, ଏଣିକି ପ୍ରତ୍ୟେକ ଦୁଇଚକିଆ ଯାନ ସହିତ ଦୁଇଟି ଆଇଏସଆଇ ପ୍ରମାଣିତ ହେଲମେଟ ଯୋଗାଇବା ବାଧ୍ୟତାମୂଳକ ହେବ। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନୂଆଦିଲ୍ଲୀରେ ଅନୁଷ୍ଠିତ ଅଟୋ ସମ୍ମିଳନୀରେ ଘୋଷଣା କରାଯାଇଛି।

ଦୁଇ ଚକିଆ ହେଲମେଟ ନିର୍ମାତା ସଂଘ ଦୀର୍ଘ ଦିନ ଧରି ଆଇଏସଆଇ ପ୍ରମାଣିତ ହେଲମେଟ ବାଧ୍ୟତାମୂଳକ କରାଯାଉ ବୋଲି ଦାବି କରିଆସୁଥିଲେ। ଏଭଳି ସମୟରେ ଗଡକରୀଙ୍କ ଏହି ଘୋଷଣାକୁ ଭାରତୀୟ ଦୁଇ ଚକିଆ ହେଲମେଟ ନିର୍ମାତା ସଂଘର ପୂର୍ଣ୍ଣ ସମର୍ଥନ ମିଳିଛି । ଏଥି ସହିତ ଏହି ଘୋଷଣା ଅନାବଶ୍ୟକ ମୃତ୍ୟୁକୁ ରୋକିବାରେ ସାହାଯ୍ୟ କରିବ ବୋଲି ଏକ ଆଶା ଉଙ୍କି ମାରିଛି।

ପ୍ରକାଶିତ ଏକ ରିପୋର୍ଟ ମୁତାବକ, ଭାରତରେ ପ୍ରତିବର୍ଷ ୪,୮୦,୦୦୦ ରୁ ଅଧିକ ସଡ଼କ ଦୁର୍ଘଟଣା ଘଟେ। ଏଥିରେ ୧,୮୮,୦୦୦ ରୁ ଅଧିକ ଲୋକ ପ୍ରାଣ ହରାଇଥାନ୍ତି । ଏଥିମଧ୍ୟରୁ ୬୬% ମୃତକଙ୍କ ବୟସ ୧୮ ରୁ ୪୫ ବର୍ଷ ମଧ୍ୟରେ ରହିଥାଏ।

ଏହି କ୍ରମରେ ଦେଖିବାକୁ ଗଲେ ପ୍ରତିବର୍ଷ ଦୁଇଚକିଆ ଯାନ ଦୁର୍ଘଟଣାରେ ୬୯,୦୦୦ରୁ ଅଧିକ ଲୋକ ମୃତ୍ୟୁ ବରଣ କରିଥାନ୍ତି। ଏଥିମଧ୍ୟରୁ ୫୦ ପ୍ରତିଶତ ଚାଳକଙ୍କ ମୃତ୍ୟୁ ହେଲମେଟ ପିନ୍ଧି ନଥିବାରୁ ହୋଇଥାଏ।

## ବିପର୍ଯ୍ୟୟ ବେଳେ ମିଆଁମାର ପାଇଁ ଦେବଦୂତ ସାଜିବ ଅପରେସନ 'ବ୍ରହ୍ମା'

ନୂଆଦିଲ୍ଲୀ, ୨୯।୩

ବିପଦ ବେଳେ ନିଜର ବଡପଣ ଦେଖାଇ ପଡୋଶୀ ଦେଶକୁ ସବୁବେଳେ ସାହାଯ୍ୟ କରି ଆସିଛି ଭାରତ । ସଙ୍କଟ ସମୟରେ ଅନେକ ଦେଶକୁ ସାହାଯ୍ୟର ହାତ ବଢାଇଛି ଭାରତ । ବନ୍ୟା, ବାତ୍ୟା, ଭୂକମ୍ପ ପରି ସ୍ଥିତିରେ ଛିଡା ହୋଇ ଭାରତ ଅନ୍ୟ ଦେଶ ଆଖିରେ ଦେବଦୂତର ଆଖ୍ୟା ପାଇଥିବା ବେଳେ ଏବେ ମିଆଁମାରକୁ ସହାୟତା ପାଇଁ ଅପରେସନ ବ୍ରହ୍ମା ଆରମ୍ଭ ହୋଇଛି ।

ତେବେ ମିଆଁମାରର ବିପଦର ବନ୍ଧୁ ସାଜିଛି ଭାରତ । ଶୁକ୍ରବାର ବିପଦ ଆସିବା ପରେ କାଳ ବିଳମ୍ବ ନକରି ଭୂକମ୍ପରେ ଛାରଖାର ମିଆଁମାରକୁ ସହାୟତାର ହାତ ବଢାଇଛି ଦେଶ। ବାୟୁସେନାର ସ୍ୱତନ୍ତ୍ର



ବିମାନ ଯୋଗେ ୧୫ ଟନରୁ ଅଧିକ ରିଲିଫ ସାମଗ୍ରୀ ପଠାଯାଇଛି । ତା ସହ ଆମ୍ବୁଲାନ୍ସ ଯିବାକୁ ମଧ୍ୟ ପ୍ରସ୍ତୁତ ହୋଇ ରହିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମିଆଁମାର ଏବଂ ଥାଇଲ୍ୟାଣ୍ଡରେ ହୋଇଥିବା ବିଶାଳ ଭୂମିକମ୍ପରୁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ ଚିନ୍ତା ପ୍ରକଟ କରିଛନ୍ତି । ଏଭଳି ଦୁଃଖଦ ମୁହୂର୍ତ୍ତରେ ଭାରତ ଉଭୟ ଦେଶ ସହ ଛିଡାହେବା ସହ ସମସ୍ତ ପ୍ରକାର ସହାୟତା ଯୋଗାଇବାକୁ ପ୍ରସ୍ତୁତ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅପରେସନ ବ୍ରହ୍ମାରେ ପର୍ଯ୍ୟାପ୍ତ ପରିମାଣରେ ତମ୍ବୁ ସାଙ୍ଗକୁ କମ୍ବଳ, ଖାଦ୍ୟ, ଜଳ ରହିଛି । ସ୍ୱାସ୍ଥ୍ୟ କିଟ୍, ସୌର ଲ୍ୟାମ୍ପ, ଜେନେରେଟର ସେଟ ଏବଂ ଅତ୍ୟାବଶ୍ୟକ ଔଷଧୀୟ ସାମଗ୍ରୀ ପଠାଯାଇଛି।

## ଏପ୍ରିଲ ୧୪ରେ ଅଫିସ ଛୁଟି

ନୂଆଦିଲ୍ଲୀ, ୨୯।୩

ସରକାରୀ ଚାକିରିଆଙ୍କ ପାଇଁ ବଡ ଖବର। ଆସନ୍ତା ଏପ୍ରିଲ ୧୪ ତାରିଖରେ ଛୁଟି ରହିବ ସମସ୍ତ ସରକାରୀ ଅଫିସ। ଏପ୍ରିଲ ୧୪ରେ ସାରା ଦେଶରେ ସରକାରୀ ଛୁଟି ଘୋଷଣା କଲେ କେନ୍ଦ୍ର ସରକାର। ବି.ଆର ଆମ୍ବେଦକରଙ୍କ ଜୟନ୍ତୀ ପାଇଁ ଛୁଟି ଘୋଷଣା କରିଛନ୍ତି କେନ୍ଦ୍ର ସରକାର।

ତେବେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି । ସାଧାରଣ ଲୋକେ ବି ଏହି ଖବର ଜାଣିରଖିବା ଆବଶ୍ୟକ। କାରଣ ଯଦି କୌଣସି ସରକାରୀ ଅଫିସରେ କାମ ଅଛି ଏବଂ କୌଣସି ବ୍ୟକ୍ତି ଏପ୍ରିଲ ୧୪ ତାରିଖରେ କାମ କରିବାକୁ ଯୋଜନା କରିଛନ୍ତି ତେବେ ଜାଣି ରଖନ୍ତୁ ଏପ୍ରିଲ ୧୪ ତାରିଖରେ ସରକାରୀ ଅଫିସ ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିବ।

## ୧୨ ଓଡ଼ିଶା ଆସିବେ ନଡ୍ଡା



ଭୁବନେଶ୍ୱର, ୨୯।୩
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧୨ ତାରିଖରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଓଡ଼ିଶା ଗସ୍ତରେ ଆସୁଛନ୍ତି। ନଡ୍ଡାଙ୍କ ଗସ୍ତ ସମ୍ପର୍କରେ ବିଜେପି ସାଂସଦ ସୁକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ଏହି ଗସ୍ତ ସମୟରେ ସେ ବିଭିନ୍ନ ସରକାରୀ ପ୍ରକଳ୍ପର ଉଦଘାଟନ କରିବା ସହ ବିଜେପିର ସାଙ୍ଗଠନିକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କନ୍ଧମାଳ ମାଟି ତଳେ ଗ୍ରାଫାଇଟ୍, ବକ୍ସାଇଟ ଓ କଳାହୀରା : ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ



ଫୁଲବାଣୀ, ୨୯।୩
ନ୍ୟୁଜ୍ ବ୍ୟୁରୋ

ପାହାଡ଼ପର୍ବତ ଘେରା କନ୍ଧମାଳ ଜିଲ୍ଲାରେ ଖଣିଜ ସମ୍ପଦ ଭରି ରହିଛି । ପୂର୍ବରୁ କନ୍ଧମାଳ ଜିଲ୍ଲାର ତୁମୁଡ଼ିବନ୍ଧ ଓ କୋଟଗଡ଼ ଅଞ୍ଚଳରେ ଗ୍ରାଫାଇଟ ଭଳି ଖଣିଜ ପଦାର୍ଥ ଉତ୍ତୋଳନ କରାଯାଉଥିଲା। ମାତ୍ର ଉକ୍ତ ଖଣି ଅଞ୍ଚଳ କୋଟଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଅନ୍ତର୍ଭୁକ୍ତ ହୋଇଯିବା ଫଳରେ ଏଠାରୁ ଖଣି ଖନନ ବନ୍ଦ ହୋଇଯାଇଛି । ନିକଟରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଖଣିଜ ସର୍ଭେ କରିବାବେଳେ ଦାରିଙ୍ଗବାଡ଼ି, ରାଇକିଆ, କ.ନୂଆଗାଁ ଭଳି ବ୍ଲକ୍‌ରେ ଗ୍ରାଫାଇଟ ଖଣିର ସନ୍ଧାନ ମିଳିଛି। ସେହିଭଳି ଫୁଲବାଣୀ ଓ ଫିରିଙ୍ଗିଆ ବ୍ଲକର କେତେକ ଅଞ୍ଚଳରେ କୋଇଲା ଗଚ୍ଛିତ ଥିବା ନେଇ ଫୁଲବାଣୀସ୍ଥିତ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି ।

ଜିଲ୍ଲାର ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ନିକଟବର୍ତ୍ତୀ ବରଗାଁ ଓ କୋଟଗଡ଼ ବ୍ଲକର ମାଦାଗୁଡ଼ାରେ ପୂର୍ବରୁ ଗ୍ରାଫାଇଟ ଉତ୍ତୋଳନ କରାଯାଉଥିଲା । ଏହା ୨୦୦୦ ମସିହାରୁ ବନ୍ଦ ହୋଇଯାଇଛି । ଏହି ଗ୍ରାଫାଇଟ ଅତି ଉଚ୍ଚମାନର ଥିଲା ବୋଲି ଖଣି ଉପନିର୍ଦ୍ଦେଶକ ଦେବବ୍ରତ ମହାନ୍ତି ସୂଚନା ଦେଇଛନ୍ତି । ସେହିଭଳି ବୌଦ୍ଧ ଜିଲ୍ଲାର କାଳାସାଲିଆ ଓ ସେକାମାଳରେ କ୍ୱାର୍ଜ ଖଣି ଥିବା ବେଳେ ବୌଦ୍ଧ (ପୃଷ୍ଠା ୭ରେ)

## ପଶ୍ଚିମ ଓଡ଼ିଶାରେ ଅସମ୍ଭାଳ ତାତି: ସମ୍ବଲପୁର ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର, ୨୯।୩
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଜାରି ରହିଛି ହିଟୱେଭ। ଦୁଇ ଦିନ ହେଲା ତାପମାତ୍ରା ୪୨ ଡିଗ୍ରୀ ଉପରେ ରହୁଛି । ଏଭଳିସ୍ଥିତିରେ ଅସମ୍ଭାଳ ତାତିରେ ସିଝୁଛି ପଶ୍ଚିମ ଓଡ଼ିଶା । ଶନିବାର ସାଢ଼େ ୨ରେ ସମ୍ବଲପୁରରେ ତାପମାତ୍ର ୪୨ ଡିଗ୍ରୀ ସେଲ୍‌ସିୟସ୍ ଟପିଯାଇ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହୋଇଛି। ଝାରସୁଗୁଡ଼ା ଓ ହୀରାକୁଦରେ ତାପାମାତ୍ରା (ପୃଷ୍ଠା ୭ରେ)

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତୀୟ ରଖିଛନ୍ତି ବିଦେଶରେ ୪୫.୧୭% ସମ୍ପତ୍ତି

ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି। ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ, ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

# ସାମାଜିକ ଐକ୍ୟ ଓ ଅର୍ଥନୈତିକ ଅଭିବୃଦ୍ଧି



ମନୋରଞ୍ଜନ ମହାନ୍ତି
ଇଂରାଜୀ ପ୍ରାଧ୍ୟାପକ
(ଅବସରପ୍ରାପ୍ତ)
ଧର୍ମଶାଳା, ଯାଜପୁର
ମୋ-୯୮୫୩୨୮୨୯୬୨

ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଗବେଷକ ଡାନି ରୋଡ୍ରିକ୍ କହନ୍ତି, 'ସାମାଜିକ ସଂଘର୍ଷକୁ ସମାଧାନ କରିବାର ଦକ୍ଷତା ଉପରେ କୌଣସି ରାଷ୍ଟ୍ରର ଅର୍ଥନୈତିକ ଅଭିବୃଦ୍ଧି ନିର୍ଭର କରେ।' ଅନେକ ସମୟରେ ଭିନ୍ନଭିନ୍ନ ଧର୍ମାନୁଗାମୀଙ୍କ ମଧ୍ୟରେ ଧର୍ମସ୍ଥଳକୁ କେନ୍ଦ୍ର କରି ସଂଘର୍ଷ ଉପୁଜିଥାଏ, ଯାହାର କୁପ୍ରଭାବ ଆମ ଅର୍ଥନୀତି ଉପରେ ମଧ୍ୟ ପଡ଼ିଥାଏ। ତେଣୁ ସମଗ୍ର ମାନବଜାତି ଗୋଟିଏ ଧର୍ମ 'ମାନବ-ଧର୍ମ'କୁ ସବୁ ଧର୍ମର ଊର୍ଦ୍ଧ୍ୱ ଅର୍ଥାତ୍ ସର୍ବୋଚ୍ଚ ବିଚାର କଲେ ସମୂହ-ଜୀବନ ସମୃଦ୍ଧ ହେବା ନିଶ୍ଚିତ।

ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ ତତ୍ତ୍ୱ 'ଅହଂ ବ୍ରହ୍ମାସ୍ମି', 'ତତ୍ ତ୍ୱମ୍ ଅସି' ଅର୍ଥାତ୍ 'ମୁଁ ବ୍ରହ୍ମ, ସମସ୍ତେ ବ୍ରହ୍ମ'ର ଦୃଢ଼ ସମର୍ଥକ ଥିଲେ ଶ୍ରୀ ନାରାୟଣ ଗୁରୁ। କେରଳର କାଲାଭାଙ୍କୋଡ଼େରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ମନ୍ଦିରରେ ସେ କୌଣସି ଦେବ ବିଗ୍ରହଙ୍କୁ ସଂସ୍ଥାପନ କରିନଥିଲେ, ରଖିଥିଲେ କେବଳ ଗୋଟିଏ ଦର୍ପଣ। ଦର୍ଶନାଭିଳାଷୀମାନେ ମନ୍ଦିରକୁ ଯାଇ ଦର୍ପଣରେ ନିଜ ନିଜର ପ୍ରତିବିମ୍ବକୁ ଦର୍ଶନ କରୁଥିଲେ। ଶ୍ରୀ ନାରାୟଣ ଗୁରୁଙ୍କର ବାର୍ତ୍ତା ଥିଲା, 'ନିଜକୁ ଦେଖ। ତୁମେ ବ୍ରହ୍ମ। ଈଶ୍ୱର ତୁମ ଭଳି ପ୍ରତ୍ୟେକ ଜୀବର ଅନ୍ତରରେ ଅଛନ୍ତି। ସମସ୍ତ ଜୀବ ହିଁ ବ୍ରହ୍ମ। କେବଳ ଆତ୍ମାନୁଭବ ବଳରେ ଜୀବ ମୁକ୍ତ ହେବ।' ଠିକ୍ ସେହିଭଳି ମୁରିକ୍କୁମ୍ପ୍ୟୁହାରେ ପ୍ରତିଷ୍ଠିତ ଆଉ ଏକ ମନ୍ଦିରରେ କୌଣସି ଦେବ ବିଗ୍ରହଙ୍କୁ ସଂସ୍ଥାପନ ନକରି ସେ ରଖିଥିଲେ ଗୋଟିଏ ଉଜ୍ଜ୍ୱଳ ଆଲୁଅ ଓ ଲେଖିଥିଲେ ଚାରୋଟି ଶବ୍ଦ 'ସତ୍ୟ, କର୍ମ, ଦୟା, ଶ୍ରଦ୍ଧା', ଯାହା ସେହି ଆଲୁଅର ଉଜ୍ଜ୍ୱଳତାରେ ସ୍ପଷ୍ଟ ଦୃଶ୍ୟ ହେଉଥିଲା। ସମସ୍ତ ଶ୍ରେଣୀ, ଜାତି, ଧର୍ମର ଲୋକଙ୍କ ପାଇଁ ତାଙ୍କର ମନ୍ଦିର ଦୁଇଟି ସବୁବେଳେ ଖୋଲା ଥିଲା। ମାଲୟାଲାମ୍, ତାମିଲ୍ ଓ ସଂସ୍କୃତ ଭାଷାରେ ସେ ଅନେକ ବହି ଲେଖିଥିଲେ। କୋରାନ୍ ସମ୍ପର୍କରେ ତାଙ୍କର ଲେଖାଗୁଡ଼ିକୁ ମୁସଲମାନ୍‌ମାନେ ପସନ୍ଦ କରୁଥିଲେ। ଥରେ ଜଣେ ଯୁବ ଖ୍ରୀଷ୍ଟିୟାନ୍ ଧର୍ମପ୍ରଚାରକ ତାଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହେବାକୁ କହିବାରୁ ସେ ଉତ୍ତର ଦେଲେ, 'ମୁଁ ବି ଜଣେ ଖ୍ରୀଷ୍ଟିୟାନ୍।' ୧୯୨୧ ବର୍ଷରେ ଏକ ସମ୍ମିଳନୀରେ ସେ ଘୋଷଣା କଲେ, 'ମାନବଜାତି ପାଇଁ ଏକ ଜାତି, ଏକ ଧର୍ମ, ଏକ ଈଶ୍ୱର।' ଭୋକିଲା ଲୋକଙ୍କୁ ଆଧ୍ୟାତ୍ମିକତା ଶିକ୍ଷା ଦିଆଯାଇପାରିବ ନାହିଁ ବୋଲି ସେ ଜାଣିଥିଲେ, ତେଣୁ କହୁଥିଲେ, "ଶିକ୍ଷା ଓ ସମ୍ବଳ ଉଭୟ ଆବଶ୍ୟକ। ଶିକ୍ଷିତ ହେଲେ ତୁମେ ସ୍ୱାଧୀନ ହେବ। ସଂଗଠିତ ହେଲେ ଶକ୍ତିଶାଳୀ ହେବ। ଶିଳ୍ପାୟନ କଲେ ତୁମର ଆର୍ଥିକ ସ୍ଥିତି ଉନ୍ନତ ହେବ।" ତାଙ୍କର କାମ ଓ କଥାଗୁଡ଼ିକ ମହାତ୍ମାଗାନ୍ଧି ଓ ରବୀନ୍ଦ୍ରନାଥ ଠାକୁରଙ୍କର ଖୁବ୍ ମନପସନ୍ଦ ହୋଇପାରିଥିଲା।

ଜୈନଧର୍ମର ପ୍ରଥମ ତୀର୍ଥଙ୍କର ଋଷଭଦେବ ମଣିଷ-ଜୀବନର ଯେଉଁ ୬ଟି ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ, ତାହା ହେଉଛି, ୧. ଅସି (ସୁସ୍ଥତା, ଆତ୍ମରକ୍ଷା ପାଇଁ ଶରୀର ସାଧନା), ୨. ମସୀ (କଳା, ସଂସ୍କୃତି, ଲିଖନ ଦକ୍ଷତା, ସାହିତ୍ୟ, ଶିକ୍ଷା), ୩. କୃଷି, ୪. ବିଦ୍ୟା (ଜ୍ଞାନ ଓ ପ୍ରଶିକ୍ଷଣ), ୫. ବାଣିଜ୍ୟ, ବ୍ୟବସାୟ, ୬. ଶିଳ୍ପକଳା (ସ୍ଥାପତ୍ୟ, ହସ୍ତଶିଳ୍ପ, ଦକ୍ଷତା ବିକାଶ)। ତାଙ୍କର ବଡ଼ପୁଅ ବାହୁବଳୀ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କର ସେବା, ହିତ ସାଧନ ଉପରେ ଗୁରୁତ୍ୱ ଦେବା ସହିତ ସୁସ୍ଥ, ବଳଶାଳୀ, କର୍ମଠ ହେବାକୁ ହଠଯୋଗ ଓ କୁସ୍ତି କସରତ ଭଳି ଗ୍ରାମ୍ୟ କ୍ରୀଡ଼ାର ପ୍ରସାର ପାଇଁ ଉଦ୍ୟମ କଲେ। ଚବିଶତମ ତୀର୍ଥଙ୍କର ମହାବୀର ଯାବତୀୟ କୁସଂସ୍କାର, ଅନ୍ଧବିଶ୍ୱାସ, ଜାତିପ୍ରଥା, ଲିଙ୍ଗଭେଦ, ସତୀଦାହ, ପଶୁବଳିକୁ ପ୍ରତ୍ୟାଖ୍ୟାନ କରିବା ସହିତ ଅହିଂସା, ଦୟା ଓ ବିଜ୍ଞାନସମ୍ମତ ବିଚାରକୁ ପ୍ରୋତ୍ସାହନ ଦେଲେ ଓ ସମ୍ପୂର୍ଣ୍ଣ ଐକ୍ୟ ଆଧାରରେ ଏକ ଅର୍ଥନୈତିକ, ରାଜନୈତିକ, ସାମାଜିକ ନ୍ୟାୟ ଆନ୍ଦୋଳନର ପ୍ରସାର କଲେ। 'ସୋକା ଗାକ୍କାଇ ବୌଦ୍ଧ ସଂଗଠନ'ର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁନେସାବୁରୋ ମାକିଗୁଚି ତାଙ୍କର ୧୯୦୩ ବର୍ଷରେ ପ୍ରକାଶିତ 'ଏ ଜେଓଗ୍ରାଫି ଅଫ୍ ହ୍ୟୁମାନ୍ ଲାଇଫ୍' ପୁସ୍ତକରେ ସାମ୍ରାଜ୍ୟବାଦ, ଉପନିବେଶବାଦ, ଅର୍ଥନୈତିକ ପ୍ରତିଦ୍ୱନ୍ଦ୍ୱିତା ବିରୋଧରେ ମାନବ-ଜାତିକୁ ସତର୍କ କରାଇ ମତ ଦେଲେ ଯେ ପ୍ରତ୍ୟେକ ବ୍ୟକ୍ତି ଓ ରାଷ୍ଟ୍ର ମାନବିକ, ମହାନୁଭବ ବିଚାର ଆଧାରରେ ନିଜର ଜୀବନ ସହିତ ଅନ୍ୟମାନଙ୍କର ଜୀବନକୁ ସୁରକ୍ଷିତ, ସମୁନ୍ନତ କରିବାକୁ ଉଦ୍ୟମ କଲେ ବିଶ୍ୱର ମଙ୍ଗଳ ହେବ। ଆମ ଶାସ୍ତ୍ରରେ ପାଞ୍ଚ ପ୍ରକାର ଯଜ୍ଞାନୁଷ୍ଠାନ ପାଇଁ ଆମକୁ କୁହାଯାଇଛି। ଋଷି ଯଜ୍ଞରେ ଜ୍ଞାନଦାୟୀ ଋଷି, ପିତୃଯଜ୍ଞରେ ପୂର୍ବପୁରୁଷମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ସହିତ ଅତିଥି ଯଜ୍ଞରେ ଅତିଥି, କ୍ଷୁଧାର୍ତ୍ତ, ଭୂତଯଜ୍ଞରେ ପଶୁପକ୍ଷୀମାନଙ୍କର ସେବା କରିବା ଏବଂ ଦେବଯଜ୍ଞରେ ଅଗ୍ନି, ବରୁଣ, ବାୟୁ ଦେବତାମାନଙ୍କ ପ୍ରତି କୃତଜ୍ଞତା ପ୍ରକଟ କରିବା, ଯେହେତୁ ଆଲୋକ, ଉତ୍ତାପ, ଜଳ, ବାୟୁ ଆମ କୃଷି ପାଇଁ ପ୍ରୟୋଜନୀୟ ଓ କୃଷି ଆମ ଅର୍ଥନୀତିର ମୂଳାଧାର ଭାବରେ ଗ୍ରହଣୀୟ।

୧୮୮୮ ବର୍ଷରେ ମୋହନଦାସ କରମଚାନ୍ଦ ଗାନ୍ଧି ଲଣ୍ଡନ୍‌ର ଫ୍ଲିଟ୍ ଷ୍ଟ୍ରିଟ୍‌ରେ ଥିବା ନିରାମିଷ ଭୋଜନାଳୟ 'ସେଣ୍ଟ୍ରାଲ୍ ଭେଜିଟାରିଆନ୍ ରେଷ୍ଟୁରାଣ୍ଟ'ରେ ପ୍ରଥମ ମିଲ୍ ଖାଇଥିଲେ ଓ ସେଠାରେ କିଣିଥିଲେ ହେନରୀ ସଲ୍ଟଙ୍କ ଲିଖିତ ବହି 'ଏ ପ୍ଲି ଫର୍ ଭେଜିଟାରିଆନିଜିମ୍'। ବହିଟିରେ ନିରାମିଷ ଖାଦ୍ୟ, ପ୍ରାକୃତିକ ଚିକିତ୍ସା (ନେଚର୍ ଥେରାପି), ପଶୁପକ୍ଷୀଙ୍କ ଅଧିକାର, ଉପନିବେଶବାଦ ବିରୋଧୀ ଦୃଷ୍ଟି ସମେତ ଥିଓସୋଫି, ଫେମିନିଜିମ୍ ସମ୍ବନ୍ଧୀୟ ଆଲୋଚନା ପଢ଼ି ଖୁବ୍ ପ୍ରଭାବିତ ହୋଇଥିଲେ। ଆଉ ଏକ ନିରାମିଷ ଭୋଜନାଳୟ 'ଦି ପୋରିଜ୍ ବଉଲ୍'ରେ ତାଙ୍କର ସାକ୍ଷାତ ହୋଇଥିଲା ଲଣ୍ଡନ୍ 'ଭେଜିଟାରିଆନ୍ ସୋସାଇଟି ଜର୍ଣ୍ଣାଲ୍'ର ସଂପାଦକ ଡ. ଜୋସିଆ ଓଲ୍ଡଫିଲ୍ଡଙ୍କ ସହିତ। ପରବର୍ତ୍ତୀ ସମୟରେ ସେ ଭେଟିଥିଲେ ଶ୍ରୀମଦ୍ ଭଗବତ୍ ଗୀତାର ଅନୁବାଦକ ସାର୍ ଏଡ୍‌ୱିନ୍ ଆର୍‌ନଲ୍ଡ ଓ ଲଣ୍ଡନରେ ରହୁଥିବା ଗୁଜରାଟୀ ଲେଖକ ନାରାୟଣ ହେମଚନ୍ଦ୍ରଙ୍କୁ। ସେମାନେ ସମସ୍ତେ ଥିଲେ ନିରାମିଷାଶୀ। ଏପରିକି ଦକ୍ଷିଣ ଆଫ୍ରିକା ଜୋହାନ୍ସ୍‌ବର୍ଗ୍‌ରେ ଏକ ନିରାମିଷ ଭୋଜନାଳୟରେ ଗାନ୍ଧି, ହେନରୀ ପୋଲାକ୍, ହର୍‌ମାନ୍ କାଲେନ୍‌ବାଚ୍ ସ୍ଥିର କରିଥିଲେ ନିରାମିଷ ଖାଦ୍ୟର ଶରୀର ଉପରେ ସୁସ୍ଥ ପ୍ରଭାବ ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିବା ପାଇଁ ସେମାନେ ଏକତ୍ର କାର୍ଯ୍ୟ କରିବେ। ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ ସମ୍ବନ୍ଧରେ ଗାନ୍ଧି ଲେଖିଛନ୍ତି ଯେ ସେ ନିରାମିଷ ଖାଦ୍ୟକୁ ଧାର୍ମିକ, ଅର୍ଥନୈତିକ, ବିଜ୍ଞାନସମ୍ମତ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ବିଚାର କରୁଥିଲେ। ଗ୍ରାମ୍ୟକୃଷିରୁ ଉତ୍ପନ୍ନ ଶସ୍ୟ, ଫଳ, ସବୁଜ ପରିବା, ଶାଗ ଓ ପାରମ୍ପରିକ ଘଣାତେଲ ଉପରେ ଗୁରୁତ୍ୱାରୋପ କରୁଥିଲେ। ଭାରତୀୟ କୃଷିକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଭାରତରେ ଥିବା ଖାଦ୍ୟସାର ଗବେଷଣାର ନିର୍ଦ୍ଦେଶକ ଡ. ରବର୍ଟ୍ ମ୍ୟାକ୍‌କ୍ୟାରିସନ୍‌ଙ୍କ ନିକଟକୁ ଚିଠି ଲେଖିବା ସହିତ ନିଜେ ମଧ୍ୟ ଦୀର୍ଘ ବର୍ଷ ଧରି ଖାଦ୍ୟ ସମ୍ପର୍କିତ ପରୀକ୍ଷଣ, ନିରୀକ୍ଷଣ ଜାରୀ ରଖିଥିଲେ। ପରମହଂସ ଯୋଗାନନ୍ଦ କାଲିଫର୍ଣ୍ଣିଆରୁ ଗାନ୍ଧିଙ୍କ ନିକଟକୁ ପଠାଇଥିବା କେତେକ ଫଳଗଛର ଚାରା ବାଟରେ ନଷ୍ଟ ହୋଇଯାଇଥିଲା, ନଚେତ୍ ସେଗୁଡ଼ିକୁ ନେଇ ସେ କେତେ ପରୀକ୍ଷା ନିରୀକ୍ଷା କରିପାରିଥାଆନ୍ତେ। ଗାନ୍ଧି-ଆଶ୍ରମଗୁଡ଼ିକରେ ଅତ୍ୟନ୍ତ ସରଳ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ପ୍ରାୟ ପ୍ରତିଦିନ କଖାରୁ ରନ୍ଧା ହୁଏ ବୋଲି ଥରେ ନାତୁଣି ଇଲା ସେବାଗ୍ରାମକୁ କଦୁଗ୍ରାମ (କଦୁ ଶବ୍ଦର ଅର୍ଥ କଖାରୁ) ମନ୍ତବ୍ୟ ଦେବାରୁ ଗାନ୍ଧି ହସିଲେ ଓ କଖାରୁ ସହିତ ଅନ୍ୟାନ୍ୟ ପରିବା ମିଶାଇ ରାନ୍ଧିବାକୁ କହିଲେ। ନିଜେ ନିରାମିଷ ଖାଦ୍ୟ ଗ୍ରହଣ କରି ଅନ୍ୟ ଅନେକଙ୍କୁ ପ୍ରଭାବିତ କରିପାରିଥିବାରୁ ଗାନ୍ଧିଙ୍କୁ ୧୯୩୧ ମସିହାରେ ଲଣ୍ଡନ୍‌ରେ ଗୋଲ୍‌ଟେବୁଲ୍ ବୈଠକ ସମୟରେ ଭେଜିଟାରିଆନ୍ ସୋସାଇଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଧର୍ମଗୁରୁ, ଧର୍ମପ୍ରବକ୍ତା, ମନୀଷୀମାନେ ନିଜ ନିଜର ବାଣୀ ଓ ରଚନାରେ ସାମାଜିକ ଐକ୍ୟ ସହିତ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ ମାଧ୍ୟମରେ ଅର୍ଥନୈତିକ ଅଭିବୃଦ୍ଧିର କଥା କହିଛନ୍ତି। କୃଷି ଆମ ଅର୍ଥନୀତିର ମୁଖ୍ୟ ଅବଲମ୍ବନ ହୋଇଥିବାରୁ ସମସ୍ତେ ବିଶେଷତଃ ନିରାମିଷାଶୀମାନେ କୃଷିକୁ ସର୍ବାଧିକ ଗୁରୁତ୍ୱର ସହିତ ବିଚାର କରିଛନ୍ତି। ବେଳେବେଳେ ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ସଂଘର୍ଷ ଉପୁଜି ସାମାଜିକ ଐକ୍ୟ ବିପନ୍ନ ହୁଏ। ଗୋଟେ ଉପାସନାପୀଠ ଭଙ୍ଗାଯାଏ, ଆଉ ଗୋଟେ ଗଢ଼ାଯାଏ, ଉଭୟ ପ୍ରକ୍ରିୟା ପାଇଁ ବହୁ ଅର୍ଥ ବ୍ୟୟ ହୁଏ। ବିବାଦର ସମାଧାନ ପାଇଁ ବର୍ଷ ପରେ ବର୍ଷ ବିତିଯାଏ, ସେଥିପାଇଁ ମଧ୍ୟ ବହୁ ଅର୍ଥ ବ୍ୟୟ ହୁଏ। ଯେଉଁଥିପାଇଁ ରାଷ୍ଟ୍ରର ଅର୍ଥନୀତି ଚାପଗ୍ରସ୍ତ ହୁଏ। ବିଶେଷଜ୍ଞମାନେ କହନ୍ତି, ଭିନ୍ନଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ପାଇଁ ମାର୍ଗ ପ୍ରସ୍ତୁତ ହେଲେ ଏବଂ କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେଇ ଅର୍ଥର ବ୍ୟବସ୍ଥା ହେଲେ ସାମାଜିକ ଉନ୍ନୟନ ତ୍ୱରାନ୍ୱିତ ହେବା ନିଶ୍ଚିତ।

# ବନ୍ୟ ଜନ୍ତୁ ସଂରକ୍ଷଣ



ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ଼, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଘନବନାନୀ ଆଚ୍ଛାଦିତ ନଭଶ୍ଚୁମ୍ବି ପର୍ବତମାଳା, ତରଙ୍ଗଶୋଭିତ ନଦୀସକଳ ହଂସକାରାଣ୍ଡାକାଦି ବିହଙ୍ଗମ ଶୋଭିତ ହ୍ରଦ ଓ ହ୍ରଦ ତୀର, ଶାଳ, ପିଆଶାଳ, ଅଶିନ, ଆମ୍ର, ପଣସ ଆଦି ବୃକ୍ଷ ପରିପୂର୍ଣ୍ଣ ଘଞ୍ଚ ଜଙ୍ଗଲ। ପ୍ରକୃତିର ଏକ ସୌନ୍ଦର୍ଯ୍ୟମୟୀ ନୟନାଭିରାମ ଦୃଶ୍ୟ। ଅରଣ୍ୟର ଗୁରୁଗମ୍ଭୀର କାନ୍ତକମନୀୟ, ପରିବେଶ ମନୁଷ୍ୟର ହୃଦୟସ୍ପର୍ଶୀ ହୋଇଥାଏ। ଜଙ୍ଗଲ ହିଁ ମନୁଷ୍ୟ ସଭ୍ୟତାର ଜୀବନ। ଏହି ବିଚିତ୍ର ବର୍ଣ୍ଣ ବନଭୂମିରେ ବନ୍ୟ ପଶୁ ପକ୍ଷୀମାନଙ୍କର ଜୀବନଯାପନର ପ୍ରଣାଳୀ ମନୁଷ୍ୟକୁ ପରିତୃପ୍ତ କରିଥାଏ। ସେମାନଙ୍କର ଗୁଞ୍ଜନ, ଗର୍ଜନ, ରାବ ଓ କାକଳିରେ ବନଭୂମିରେ ସୃଷ୍ଟି ହୁଏ ଶ୍ରୁତିମଧୁର ଓ ଭୀତଚକିତ ପରିବେଶ। ମହିଷିମାନଙ୍କର ସିଂହ ସହିତ ଲଢେଇ, ବ୍ୟାଘ୍ର ଗଜର ସମର, ବ୍ୟାଘ୍ର ଦେଖି ହରିଣ ଯୂଥର ପଳାୟନ, ମହାବଳ ବାଘ, ଭାଲୁ, ଗଧିଆ, ସରିସୃପ ଓ ବିଭିନ୍ନ ବନ୍ୟଜନ୍ତୁଙ୍କର ଗତିବିଧି ଦର୍ଶକଙ୍କ ମନକୁ କରେ ପୁଲକିତ। ଚିଡିଆଖାନା ଠାରୁ ମୁକ୍ତ ବନ୍ୟ ପରିବେଶରେ ଥିବା ପଶୁ ପକ୍ଷୀମାନଙ୍କୁ ଦେଖିବାରେ ରହିଛି ଅନେକ ଆନନ୍ଦ। କିନ୍ତୁ ଶିକାରୀ ମାନଙ୍କର ଅହେତୁକ ଶିକାର ପ୍ରିୟତା ଏବଂ ବିଚାରହୀନ ଶିକାର ପ୍ରକ୍ରିୟା ଫଳରେ ବନଭୂମିରୁ ବହୁବିଧ ବନ୍ୟଜନ୍ତୁ ସବଂଶରେ ଲୁପ୍ତ ଓ ନିଶ୍ଚିହ୍ନ ହେବାକୁ ବସିଲେଣି। ବୃକ୍ଷଲତା, ଗୁଳ୍ମ ଆଦି, ପଶୁପକ୍ଷୀ, ଜୀବଜନ୍ତୁ ମାନଙ୍କର ଅଭିବୃଦ୍ଧି, ମାନବ ସମାଜର ଅର୍ଥନୈତିକ ଓ ବୈଜ୍ଞାନିକ ପ୍ରଗତିରେ ସହାୟକ ହୋଇଥାଏ। ଅସଂଖ୍ୟ ବନ୍ୟଜନ୍ତୁଙ୍କର ବିଭିନ୍ନ ଅଙ୍ଗ ମନୁଷ୍ୟର ଔଷଧ ଆଦି ପ୍ରସ୍ତୁତିରେ ବିଶେଷ ଭାବରେ ବ୍ୟବହୃତ ହୁଏ। ବନ ମଧ୍ୟରେ ଏକ ଶ୍ରେଣୀର ଶ୍ୱାନ ରହିଛନ୍ତି, ଯେଉଁମାନେ କି ଜଙ୍ଗଲ ମଧ୍ୟରେ ମନୁଷ୍ୟକୁ ବାଟ ଦେଖାଇଥାଆନ୍ତି। ଶିକାରୀ ମାନଙ୍କର ଅତ୍ୟାଚାରରୁ ବନ୍ୟଜନ୍ତୁଙ୍କୁ ରକ୍ଷା କରିବା ଲାଗି ଏବେ ଠାରୁ ସତର୍କ ନହେଲେ ମନୁଷ୍ୟ ସମାଜ ଏକ ଅମୂଲ୍ୟ ମହାସମ୍ପଦ ହରାଇ ବସିବ।

ବନ୍ୟ ପ୍ରାଣୀମାନଙ୍କର ସୁରକ୍ଷା ପାଇଁ ୧୯୭୨ ମସିହାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ପ୍ରଣୀତ ହେଉଅଛି। ବନ୍ୟଜନ୍ତୁ ସଂରକ୍ଷଣ ନିମିତ ଭାରତ ବର୍ଷରେ ୧୦୪ ଟି ଜାତୀୟ ଉଦ୍ୟାନ ତାର ଆୟତନ ୪୩.୭୧୬ km ଓ ୫୬୬ ଟି ଅଭୟାରଣ୍ୟ ଯାହାର କ୍ଷେତ୍ରଫଳ ୧୨୨୪୨୦ km ଅଟେ। ସମୟ କ୍ରମେ ଏସବୁର ବୃଦ୍ଧି ଘଟୁଛି। ଓଡ଼ିଶାର ୨ଟି ଜାତୀୟ ଉଦ୍ୟାନ ଥିବା ବେଳେ ମଧ୍ୟପ୍ରଦେଶରେ ୧୧ଟି ଓ ପଞ୍ଜାବରେ ଜାତୀୟ ଉଦ୍ୟାନ ନାହିଁ। ଓଡ଼ିଶାରେ ୧୯ଟି ଅଭୟାରଣ୍ୟ ଥିବାବେଳେ ମହାରାଷ୍ଟ୍ରରେ ୪୮ଟି ଅଭୟାରଣ୍ୟ ଅଛି। ଆମ ଭାରତ ବର୍ଷରେ ୫୨ଟି ବ୍ୟାଘ୍ର ସଂରକ୍ଷଣ ଏବଂ ୩୨ଟି ହାତୀ ସଂରକ୍ଷଣ ରହିଅଛି। ବ୍ୟାଘ୍ରଙ୍କ ସଂଖ୍ୟା ପ୍ରାୟ ୨୯୬୭ଟି ଥିଲାବେଳେ ହାତୀମାନଙ୍କ ସଂଖ୍ୟା ୨୭୩୧୨, ସେହିପରି ଭାରତ ବର୍ଷରେ ସିଂହମାନଙ୍କ ସଂଖ୍ୟା ପ୍ରାୟ ୬୭୪ଟି। ଓଡ଼ିଶାରେ ହାତୀ ସଂରକ୍ଷଣ ପାଇଁ ମୟୁରଭଞ୍ଜ(ER), ମହାନଦୀ (ER) ସମ୍ବଲପୁର (ER) ଓ ଚନ୍ଦକା ହାତୀ ଅଭ୍ୟାରଣ୍ୟ ରହିଛି।

କେନ୍ଦ୍ର ସରକାର ବନ୍ୟଜନ୍ତୁ ମାନଙ୍କ ସୁରକ୍ଷା ପାଇଁ The Indian Board For Wildlife ନାମକ ଏକ ସଂଗଠନ ପ୍ରତିଷ୍ଠା କରିଛନ୍ତି। ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ଜନସାଧାରଙ୍କୁ ସଚେତନତା ପାଇଁ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ ବା ପଶୁ କଲ୍ୟାଣ ଦିବସ ଅକ୍ଟୋବର ମାସ ୪ ତାରିଖରେ ପାଳନ କରାଯାଇଥାଏ। ଗାନ୍ଧୀ ଜୟନ୍ତୀରୁ ଏହି ବନ୍ୟ ଜନ୍ତୁ ସପ୍ତାହ ପାଳନ କରାଯାଏ। ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ବନ୍ୟଜନ୍ତୁ ସରଂକ୍ଷଣର ବହୁ ଆଦର୍ଶ କେନ୍ଦ୍ର ରହିଛି। ସେଗୁଡିକ ହେଉଛି ବଳୀପୁର ଅଭୟାରଣ୍ୟ, ଚନ୍ଦ୍ରପ୍ରଭା ଅଭୟାରଣ୍ୟ, ଗୁଜୁରାଟର ଗିରି ବନଭୂମି, ବଙ୍ଗରାଜ୍ୟର ବଳଦପଡ଼ା ଅଭୟାରଣ୍ୟ, ହିମାଳୟ ନିକଟ ବର୍ତି କର୍ବେଟ୍ ଜାତୀୟ ଉଦ୍ୟାନ, ଦରଚିଗ୍ରାମ ଅଭୟାରଣ୍ୟ, ଜବଲପୁର ଠାରୁ ପ୍ରାୟ ଶହେ ମାଇଲ ଦୂରରେ ଥିବା କହ୍ନା ଜାତୀୟ ଉଦ୍ୟାନ, ଆସାମର କାଜିରଙ୍ଗ ଅଭୟାରଣ୍ୟ, ମାନସ ଅଭୟାରଣ୍ୟ ଭରତପୁରଠାରେ ଥିବା କେଜି ଅଭୟାରଣ୍ୟ, ମାନ୍ଦ୍ରାଜର ମୃଦୁମଲାଇ ଅଭୟାରଣ୍ୟ, ମଧ୍ୟପ୍ରଦେଶରେ ଥିବା ଶିବପୁର ଜାତୀୟ ଉଦ୍ୟାନ, କେରଳରେ ପେରିଅର ଅଭୟାରଣ୍ୟ, ସିରିସ୍ ଅଭୟାରଣ୍ୟ, ମାନ୍ଦ୍ରାଜରେ ଥିବା ବେଦାନ୍ତ ପଶୁପକ୍ଷୀ ଅଭୟାରଣ୍ୟ, ରାଜାଜୀ ଅଭୟାରଣ୍ୟ, ଶିଓଲିକ୍ ଗିରିମାଳାରେ ଅବସ୍ଥିତ। ଭାରତର ଅରଣ୍ୟମାନଙ୍କରେ ବିଭିନ୍ନ ପ୍ରକାର ବନ୍ୟ ପଶୁ ଓ ପକ୍ଷୀ ଦେଖାଯାଆନ୍ତି। ସେ ଗୁଡିକ ମଧ୍ୟରେ ସିଂହ, ବାଘ, ହାତୀ, ଭାଲୁ, ଗଣ୍ଡା, ଗୟଳ, ବାରହା, ମାଙ୍କଡ, କୋକିଶିଆଳି, ଗଧିଆ, ବିଲୁଆ, ହରିଣ, ସମ୍ବର, ଚିତାବାଘ ଓ ବିଭିନ୍ନ ଜାତିର ସରୀସୃପ, ସାପ, କୁମ୍ଭୀର, ମୟୂର, ଶୁଆଶାରୀ, ଚିଲ, ଛଂଚାଣ, ପେଚା, କୋଚିଲାଖାଇ ଆଦି ଦେଖାଯାଆନ୍ତି। ପଶ୍ଚିମ ବଙ୍ଗର ସୁନ୍ଦରବନରେ ମହାବଳ ବାଘ ଦେଖାଯାଆନ୍ତି। ହିମାଳୟ ପାଦ ଦେଶାଞ୍ଚଳ, ଓଡିଶା, କର୍ଣ୍ଣାଟକ, ମଧ୍ୟପ୍ରଦେଶରେ ହାତୀ ଓ ବାଘ ଦେଖାଯାଆନ୍ତି। ଆସାମ ଓ ବଙ୍ଗର ଅରଣ୍ୟରେ ଗଣ୍ଡା ବାସକରନ୍ତି। ଭାରତୀୟ ଗଣ୍ଡା ଅନ୍ୟଦେଶର ଗଣ୍ଡାଙ୍କ ଠାରୁ ବଡ଼ ହୋଇଥାଆନ୍ତି। ହିମାଳୟ ପାର୍ବତ୍ୟାଞ୍ଚଳ(ଆସାମ ନେପାଳ ସୀମା)ରେ ଚମରୀ ଗାଈ ଓ କସ୍ତୁରୀ ମୃଗ ଦେଖିବାକୁ ମିଳେ। ମଧ୍ୟ ପ୍ରଦେଶ, ଓଡ଼ିଶା, ଉତ୍ତରପ୍ରଦେଶରେ ନୀଳଗାଈ ଦେଖାଯାଆନ୍ତି। ଓଡ଼ିଶାର ସରୀସୃପ ମାନଙ୍କ ମଧ୍ୟରେ ବଉଳା କୁମ୍ଭୀର, ମଗର, ସମୁଦ୍ର କଇଁଛ, ଘଡ଼ିଆଳ କୁମ୍ଭୀର ଓ ଗୋଧି ଆଦି ପ୍ରଧାନ। ଓଡ଼ିଶାରେ ଡାଙ୍ଗମାଳଠାରେ ଏହି ସରୀସୃପମାନଙ୍କ ଅଭୟାରଣ୍ୟ ହୋଇଅଛି।

ଅରଣ୍ୟ ଓ ବନ୍ୟଜନ୍ତୁ ପ୍ରାକୃତିକ ବିଭବ, ସଭ୍ୟତା, ସଂସ୍କୃତିର ସୁରକ୍ଷା ନିମିତ ଜଙ୍ଗଲ ଓ ବନ୍ୟ ପ୍ରାଣୀମାନଙ୍କର ସଂରକ୍ଷଣ ଅତି ଜରୁରୀ ହୋଇପଡିଛି। ସେଥିପାଇଁ ୧୯୮୩ ମସିହାରେ କେନ୍ଦ୍ର ସରକାର 'ନ୍ୟାସନାଲ ୱାଇଲଡ୍ ଆକ୍ସନ ପ୍ଲାନ୍' ଯୋଜନା କାର୍ଯ୍ୟକାରୀ କରୁଅଛନ୍ତି। ସରକାରଙ୍କ କଠୋର ଆଇନ ଗତ ପଦକ୍ଷେପ ବନ କର୍ମଚାରୀମାନଙ୍କର ସାଧୁତା ଓ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ଯୋଗୁ ପ୍ରାକୃତିକ ସମ୍ପଦର ସୁରକ୍ଷା ହୋଇ ପାରିବ।

ମିଳିମିଶି କଲେ ପ୍ରାଣୀ ସୁରକ୍ଷା
ମନୁଷ୍ୟ ସମାଜ ହୋଇବ ରକ୍ଷା।

# ମାତୃଭାଷା ଓ ଛାତ୍ର ସମାଜ



ସୁବାସ କୁମାର ତାରଣିଆଁ
ମୋ : ୮୩୨୮୮୪୦୨୧୪
କଣ୍ଟି, ବାହାରଣା,
ବାଲିକୁଦା, ଜଗତସିଂହପୁର

ମାତୃଭାଷା ଜନ୍ମ ହୁଏ ଶିଶୁର ସାମାଜିକ ଓ ମାନସିକ ପରିବେଶରୁ। ମାତୃଭାଷାର ମହତ୍ତ୍ୱକୁ ଉପଲବ୍ଧି କରି ଶିକ୍ଷାବିତ୍‌ମାନେ ମାତୃଭାଷା ଶିକ୍ଷାଦାନର ମାଧ୍ୟମ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଛନ୍ତି। କାରଣ ମାତୃଭାଷା ପିଲାମାନଙ୍କ ମନୋବଳକୁ ଉଦ୍ରେକ କରିବା ସହିତ ଶିକ୍ଷା ପ୍ରତି ସାମଗ୍ରିକ ଓ ସୃଜନଶୀଳତାର ବିକାଶ ଘଟାଇଥାଏ। ମାତୃଭାଷା ତାର ଭାଷାଭାଷୀଙ୍କୁ ଫୁଲମାଳ ଭଳି ଏକତାର ଡୋରିରେ ବାନ୍ଧି ରଖିଥାଏ। ଯେତେବେଳେ ମାତୃଭାଷା ପ୍ରତି ମମତା ତୁଟିଯାଏ, ସେତେବେଳେ ଏକତା ଭାଙ୍ଗିଯାଏ। କହିବାକୁ ଗଲେ ବର୍ତ୍ତମାନ ମାତୃଭାଷା ପ୍ରତି ମମତା ତୁଟିବାରେ ଲାଗିଛି। ବିଶେଷକରି ଛାତ୍ରଛାତ୍ରୀମାନେ ମାତୃଭାଷା ପ୍ରତି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ମାତୃଭାଷା ପ୍ରତି ମମତା ନ ରହିଲେ ଭାଷା ମରିଯାଏ। କିଛି ଓଡ଼ିଆ ନିଜ ମାତୃଭାଷାକୁ ଓଡ଼ିଆ ବୋଲି କହିବାକୁ କୁଣ୍ଠାବୋଧ କରୁଛନ୍ତି। ଅଧିକାଂଶ ଛାତ୍ରସମାଜ ମାତୃଭାଷା ବ୍ୟବହାର କରୁନାହାଁନ୍ତି। ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ଓ ସାମାଜିକ ଗଣମାଧ୍ୟମର ବହୁଳ ପ୍ରଚାର, ପ୍ରସାର ଏହାର ମୁଖ୍ୟ କାରଣ।

ଏକଥା ଉଲ୍ଲେଖ କରିବାର କାରଣ, ମୁଁ ଏକ ଘରୋଇ ଅନୁଷ୍ଠାନରେ ଦୀର୍ଘବର୍ଷ ହେବ ଅକ୍ଷର ଶିଳ୍ପୀ (ଡିଟିପି ଅପରେଟର) ଭାବେ କାର୍ଯ୍ୟ କରିଆସୁଅଛି। ମୁଁ କାମ କରୁଥିବା ଅନୁଷ୍ଠାନ ପାଖକୁ ଲାଗି ଏକ ଘରୋଇ ଶିକ୍ଷାନୁଷ୍ଠାନ ଥିଲା। ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ଏବଂ ସ୍ୱାଧୀନତା ଦିବସରେ ଉକ୍ତ ଶିକ୍ଷାନୁଷ୍ଠାନ ତରଫରୁ ଜାତୀୟ ପତାକା ଉତ୍ତୋଳନ ହେବା ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥାଏ ଏବଂ ସନ୍ଧ୍ୟାରେ ପତାକାଟି ଆଣି ମୋ ଅନୁଷ୍ଠାନରେ ସାଇତି ରଖେ। ସେଦିନ ଥାଏ ଅଗଷ୍ଟ ୧୪ ତାରିଖ। ସନ୍ଧ୍ୟାରେ ଉକ୍ତ ଶିକ୍ଷାନୁଷ୍ଠାନର ଦୁଇଜଣ ଛାତ୍ରୀ ଜେରକ୍ସ କରିବାକୁ ମୋ ପାଖକୁ ଆସିଥିଲେ। ସେହି ସମୟରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଆସି ମୋତେ କହିଲେ, ସୁବାସ ଜାତୀୟ ପତାକାଟି ବାହାର କରି ରଖିଥାଅ, କାଲି ସକାଳୁ ପତାକା ଉତ୍ତୋଳନ ହେବ। ଏହା ପରେ ସାଇତି ରଖିଥିବା ଜାତୀୟ ପତାକାଟି ବାହାର କରୁଥିବା ସମୟରେ ଜଣେ ଛାତ୍ରୀ ତାଙ୍କ ସହପାଠୀଙ୍କୁ ପଚାରିଥିଲେ, 'ହ୍ୱାଟ ଇଜ୍ ଦିସ୍'। ସହପାଠୀ ଜଣକ କହିଥିଲେ, ଜାତୀୟ ପତାକା। ଏହାପରେ ଛାତ୍ରୀଜଣକ ପୁଣି ପଚାରିଥିଲେ, 'ହ୍ୱାଟ୍ ଜାତୀୟ ପତାକା'। ସହପାଠୀ କହିଥିଲେ, ନାସନାଲ ଫ୍ଲାଗ। ଏହା ପରେ ଛାତ୍ରୀଜଣକ ବୁଝିପାରିଥିଲେ ଏବଂ ଜେରକ୍ସ କରି ଚାଲି ଯାଇଥିଲେ।

ଜଣେ ପଞ୍ଚମ ଶ୍ରେଣୀର ଛାତ୍ର କିଛି ପ୍ରଶ୍ନପତ୍ରର ନକଲ କାଢିବା ପାଇଁ ମୋ ମୋବାଇଲ୍‌କୁ ଏକ ତଥ୍ୟ ପଠାଇଥିଲେ। ଏହାପରେ ଛାତ୍ରଟି ମୋତେ ପଚାରିଥିଲେ ସେହି ପ୍ରଶ୍ନପତ୍ରରେ କେତୋଟି ପୃଷ୍ଠା ଅଛି? ୪୨ପୃଷ୍ଠା ଅଛି ବୋଲି ମୁଁ କହିବାରୁ, ସେ ମୋତେ କହିଥିଲେ, ଅଙ୍କଲ ଇଂରାଜୀରେ କୁହନ୍ତୁ କେତେ ପୃଷ୍ଠା? ମୁଁ କହିଥିଲି 'ଫର୍ଟି ଟୁ'। ସେ ପୁଣି ପଚାରିଥିଲେ, ଅଙ୍କଲ କେତେ ଟଙ୍କା ଲାଗିବ? ମୁଁ କହିଲି ୧୨୬ ଟଙ୍କା ପଡ଼ିବ। ସେ ପୁନର୍ବାର ମୋତେ ପଚାରିଲେ, ଅଙ୍କଲ, ଇଂରାଜୀରେ କୁହନ୍ତୁ କେତେ ଟଙ୍କା? ମୁଁ 'ୱାନ୍ ହଣ୍ଡରେଡ୍ ଟୋଣ୍ଟିସିକ୍ସ' କହିବାରୁ ସେ ବୁଝିଗଲେ ଏବଂ ପ୍ରଶ୍ନପତ୍ର ବାହାର କରି ମୋତେ ୧୨୬ ଟଙ୍କା ଦେଇ ଚାଲିଯିବା ପରେ ମୁଁ ମନେ ମନେ ଭାବିଲି, ସତରେ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ମାତୃଭାଷା ପ୍ରତି ଏତେ ବିମୁଖ କାହିଁକି? ମାତୃଭାଷା ବଦଳରେ ହିନ୍ଦୀ, ଇଂରାଜୀ ଭାଷାକୁ ବହୁଳ ଭାବରେ ବ୍ୟବହାର କରୁଛନ୍ତି କାହିଁକି? ଇଂରାଜୀ ଭାଷା ଆନ୍ତର୍ଜାତୀୟ ଯୋଗାଯୋଗର ଭାଷା ହୋଇପାରେ, କିନ୍ତୁ ଇଂରାଜୀ ଭାଷାର ପ୍ରଚାର ଓ ପ୍ରସାର ଫଳରେ ଆମର ସଂସ୍କୃତି ଓ ଜନଜୀବନ ଉପରେ ଯେଉଁ ଖରାପ ପ୍ରଭାବ ପକାଉଛି, ତାହା ହିଁ ଓଡ଼ିଆ ଭାଷା ପାଇଁ ବର୍ତ୍ତମାନ ଘୋର୍ ଚିନ୍ତାର ବିଷୟ ପାଲଟିଛି। ପ୍ରତ୍ୟେକ ଭାଷା ତା'ର ନିଜସ୍ୱ ସଂସ୍କୃତିର ମାଧୁର୍ଯ୍ୟକୁ ବ୍ୟକ୍ତ କରିଥାଏ। ସବୁ ଭାଷା ପରି ଓଡ଼ିଆ ଭାଷାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି, ଯାହା ଅନ୍ୟ ଭାଷାର ପ୍ରଭାବରେ ଆଜି ନଷ୍ଟ ହେବାକୁ ଯାଉଛି।

ଶିଶୁଟିଏ ଜନ୍ମ ହେବା ପରେ, ପିତାମାତାମାନେ ଶିଶୁଟିକୁ ପ୍ରଥମେ ମାମା, ବାବା, ଦାଦା ଆଦି କହି ମାତୃଭାଷା ଶିଖାଇଥାନ୍ତି, କ୍ରମେ ଶିଶୁଟି ବଡ଼ ହେବା ସହିତ ବାପା, ମା, ଦାଦା, ଖୁଡି, ଭାଇ କହି ନିଜର ମାତୃଭାଷା କହିବା ଆରମ୍ଭ କରିଥାଏ। ମାତ୍ର ଏବେ ଶିଶୁଟିଏ ଜନ୍ମ ହେଲାପରେ, ଶିଶୁର ନାମକରଣରେ ସାଙ୍ଗିଆ ମଧ୍ୟ ରଖୁନାହାଁନ୍ତ। ପିତାମାତାମାନେ ସେମାନଙ୍କ ଶିଶୁକୁ ବିଭିନ୍ନ ପ୍ରକାରର ଇଂରାଜୀ ଓ ହିନ୍ଦି ଭାଷା ଶିଖାଇବା ଫଳରେ ଶିଶୁଟି ମାତୃଭାଷା ପ୍ରତି ମମତା ନରଖି ଇଂରାଜୀ ଓ ହିନ୍ଦି ଭାଷା ପ୍ରତି ଆକର୍ଷିତ ହୋଇଥାଏ। ଶିଶୁକୁ ଦୁଇରୁ ତିନିବର୍ଷ ହେବା ମାତ୍ରେ ପିତାମାତା ଘରୋଇ ଇଂରାଜୀ ବିଦ୍ୟାଳୟରେ ଶିଶୁଟିର ନାମ ଲେଖାଇ ଦେଉଛନ୍ତି। ପିଲାଟି ଶିକ୍ଷା ଆରମ୍ଭରୁ 'ଏ' ଫର୍ ଆପୁଲ, 'ବି' ଫର ବଲ୍ ଇତ୍ୟାଦି ଶିକ୍ଷା ଗ୍ରହଣ କରିବା ପରେ ସରକାରୀ ସ୍କୁଲ୍‌ରେ ପଢିବାକୁ ଆଉ ଇଚ୍ଛାପ୍ରକାଶ କରୁନାହିଁ। ଶିଶୁଟି ନିଜର ଜନ୍ମଦାତ୍ରୀଙ୍କୁ ବାପା, ମାଆ ସମ୍ବୋଧନ ନକରି ମମି, ଡାଡ଼ି ବୋଲି ସମ୍ବୋଧନ କରୁଛନ୍ତି ଓ ଗୁରୁଜୀ, ଗୁରୁମାଆଙ୍କୁ ପ୍ରଣାମ କରିବା ବଦଳରେ ହାଲୋ, ହାଏ, ଗୁଡ୍ ମର୍ଣ୍ଣିଂ କହିଲେଣି। ବିଦ୍ୟାଳୟ, କୋଚିଙ୍ଗ ସେଣ୍ଟର, ସପିଂମଲ୍, ଫାଷ୍ଟଫୁଡ୍ ଆଦି ଜାଗାରେ ଆଜିର ଛାତ୍ରସମାଜ ପରସ୍ପରଙ୍କ ମଧ୍ୟରେ ଯେଉଁଭଳି ଇଂରାଜୀ ଓ ହିନ୍ଦିଭାଷାରେ କଥାବାର୍ତ୍ତା ହେଉଛନ୍ତି, ଲାଗୁଛି ସତେ ଯେପରି ଏମାନେ ଓଡ଼ିଆ ଘରର ପିଲା ନୁହଁନ୍ତି। ଦ୍ୱିତୀୟତଃ ପିଲାମାନଙ୍କ ପାଠପଢାକୁ ନେଇ ପିତାମାତାମାନେ ଯେତିକି ଚିନ୍ତିତ ନୁହଁନ୍ତି, ଘରୋଇ ଶିକ୍ଷାନୁଷ୍ଠାନମାନେ ତା ଠାରୁ ଅଧିକ ତତ୍ପର ହୋଇ ଉଠୁଛନ୍ତି। ବର୍ତ୍ତମାନ ସାରା ରାଜ୍ୟରେ ଛତୁ ଫୁଟିଲା ଭଳି ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ଗଢି ଉଠୁଛି ଏବଂ ଶିକ୍ଷାଦାନକୁ ନେଇ ଏମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ଚାଲିଛି। ଏହି ଶିକ୍ଷାନୁଷ୍ଠାନରେ ମାତୃଭାଷାକୁ ଗୁରୁତ୍ୱ ନ ଦେଇ ଇଂରାଜୀ ଓ ହିନ୍ଦିଭାଷାରେ ଶିକ୍ଷାଦାନ ଦିଆଯାଉଛି। ଶିକ୍ଷାଦାନକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନମାନେ ଯେତେ ପ୍ରକାର ଆକର୍ଷଣୀୟ ବିଜ୍ଞାପନ ଜାରି କରୁଛନ୍ତି, ପିଲାଙ୍କ ନାମ ଲେଖାଇବା ପାଇଁ ପିତାମାତାଙ୍କ ଭିଡ଼ ଜମିବାରେ ଲାଗୁଛି। ଫଳରେ ଘରୋଇ ଶିକ୍ଷାନୁଷ୍ଠାନରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ, ସରକାରୀ ବିଦ୍ୟାଳୟମାନଙ୍କରେ ପିଲାଙ୍କ ସଂଖ୍ୟା କମି କମି ଚାଲିଛି। ସରକାରୀ ବିଦ୍ୟାଳୟ ଅପେକ୍ଷା ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢିଲେ ଯେ ଜଣେ ମେଧାବୀ ଛାତ୍ର ହୋଇପାରିବ, ତାହା ବୁଝିବା ଭୁଲ। ଅନ୍ତର୍ନିହିତ ଜ୍ଞାନ ଭିତରେ ଥିବା ପ୍ରତିଭାକୁ ପରିପ୍ରକାଶ କରିପାରିଲେ ଓ ମାତୃଭାଷାକୁ ସଠିକ୍ ଭାବେ ଆହରଣ କରିପାରିଲେ ଜଣେ ମେଧାବୀ ଛାତ୍ର ହୋଇପାରିବ।

୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପରିବର୍ତ୍ତନ ହେଲା। ଓଡ଼ିଆ ଅସ୍ମିତା ନାରା ଦେଇ ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିଲା। ସରକାରକୁ ଆସିବା ପରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କଲେ। ଓଡ଼ିଶାର ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ପ୍ରାଥମିକତା ଦିଆଯିବ। ଓଡ଼ିଆ ଅସ୍ମିତା ପ୍ରତିଷ୍ଠା, ଅଭିବୃଦ୍ଧି, ସଂରକ୍ଷଣ ଓ ପ୍ରସାରକୁ ଗୁରୁତ୍ୱ ଦିଆଯିବ। ଓଡ଼ିଆ ସାହିତ୍ୟ, ସଙ୍ଗୀତ, ନାଟକ ଓ ଲଳିତକଳା ଏକାଡ଼େମୀର ପୁନର୍ଗଠନ ଓ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ। ଏଥିସହିତ ଓଡ଼ିଶୀ ଗବେଷଣା କେନ୍ଦ୍ରକୁ କ୍ରିୟାଶୀଳ କରାଯିବ। ଓଡ଼ିଆ ଅସ୍ମିତା ଉପରେ ଗୁଣାତ୍ମକ ଗବେଷଣାକୁ ପ୍ରୋତ୍ସାହିତ କରାଯିବ। ଓଡ଼ିଆ ଭାଷା ସାହିତ୍ୟର ପ୍ରସାର ପାଇଁ ଅନୁବାଦ ଏକାଡ଼େମୀ ପ୍ରତିଷ୍ଠା ହେବ। ମାତୃଭାଷା ପାଇଁ ଆଧୁନିକ, ସରଳ ଓ ସୁଗମ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ପାଇଁ ବ୍ୟବସ୍ଥା ହେବ। ଓଡ଼ିଆ ଭାଷା ଭବନ, ଅସ୍ମିତା ଭବନ ନିର୍ମାଣ କରାଯିବା ସହିତ ଭାଷା ଆୟୋଗ ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏବେଠୁ ସବୁ ସରାକରୀ ଓ ବେସରକାରୀ କାର୍ଯ୍ୟାଳୟରେ ସମସ୍ତ ନଥିପତ୍ର ଓଡ଼ିଆଭାଷାରେ କାର୍ଯ୍ୟକାରୀ ହେବ ଏବଂ ସରକାରୀସ୍ତରରେ ମାତୃଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସରକାର ଘୋଷଣା କରିଛନ୍ତି। ଆବଶ୍ୟକ ପଡ଼ିଲେ ସରକାରୀ ଭାଷା ଆଇନରେ ସଂଶୋଧନ କରାଯିବ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୁନର୍ଗଠନ କରାଯିବ। ପ୍ରତ୍ୟେକ ଜିଲ୍ଲାରେ ସମନ୍ୱିତ ସଂସ୍କୃତି ଭବନ ନିର୍ମାଣ ସହ ଜିଲ୍ଲାର କଳା ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ। ରାଜ୍ୟ ପରିଚାଳନା ମାତୃଭାଷା ଓଡ଼ିଆରେ ହେବ। ଉଭୟ ସରକାରୀ ଓ ବେସରକାରୀସ୍ତରରେ ମାତୃଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଲେ। ହେଲେ ଏହା ଏପର୍ଯ୍ୟନ୍ତ କେବଳ ନିର୍ଦ୍ଦେଶରେ ସୀମିତ ରହିଗଲା ପରି ମନେ ହେଉଛି। ଏବେ ବି ବହୁ ବିଭାଗ ପୂର୍ବପରି ଇଂରାଜୀ ଭାଷାକୁ ସର୍ବାଧିକ ବ୍ୟବହାର କରୁଥିବା ବେଳେ ଓଡ଼ିଆ ଭାଷାକୁ ଗୌଣ କରିଦେଉଥିବା ଦେଖିବାକୁ ମିଳୁଛି। କେବଳ ନାମକୁ ମାତ୍ର କିଛି ବିଭାଗ ମଝିରେ ମଝିରେ ଓଡ଼ିଆ ଭାଷାରେ ଚିଠି ଲେଖି ଭାଷାପ୍ରୀତି ଦେଖାଇବାକୁ ଚେଷ୍ଟା କରୁଛନ୍ତି ହେଲେ ଅଧିକାଂଶ ସମୟରେ ବିଭାଗ ଓ ବିଭିନ୍ନ ନିର୍ଦ୍ଦେଶାଳୟଗୁଡ଼ିକରେ ଚିଠିପତ୍ର ଇଂରାଜୀରେ ପ୍ରକାଶିତ ହେଉଛି ଓ ଅଧିକାରୀମାନେ ସରକାରୀ ନିୟମକୁ ମାନୁ ନାହାଁନ୍ତି।

ମାତୃଭାଷା ପ୍ରତି ମମତା ଜାଗ୍ରତ କରିବାକୁ ହେଲେ ଜଣେ ଓଡ଼ିଆ ଭାବରେ ନିଜକୁ ଗର୍ବ କରିବାକୁ ପଡ଼ିବ, ପ୍ରତ୍ୟେକ ଓଡ଼ିଆ ନିଜ ମାତୃଭାଷା ଓଡ଼ିଆ ବୋଲି ପରିଚୟ ଦେବା ଦରକାର। ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ମାତୃଭାଷାକୁ ବାଧ୍ୟତାମୂଳକ କରିବା ସହିତ ସମସ୍ତ ଛାତ୍ରଛାତ୍ରୀ ଯେପରି ମାତୃଭାଷା ପ୍ରତି ଆକୃଷ୍ଟ ହେବେ, ସେଥିପ୍ରତି ଦୃଷ୍ଟିଦେବା, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସମସ୍ତ ନଥିପତ୍ର ଓଡ଼ିଆଭାଷାରେ କାର୍ଯ୍ୟକାରୀ କରିବା ଦରକାର। ଯଦି କୌଣସି ଅନୁଷ୍ଠାନ ଏହି ଆଇନକୁ କାର୍ଯ୍ୟକାରୀ ନକରନ୍ତି, ତେବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ଏହି ଦିଗ ପ୍ରତି ବିଭାଗ ଓ ନିର୍ଦ୍ଦେଶାଳୟଗୁଡ଼ିକ ଦୃଷ୍ଟି ଦେବା ନିତାନ୍ତ ଜରୁରୀ, ତେବେ ଯାଇ ମାତୃଭାଷା ବଞ୍ଚିରହିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ







# ୭୪ ବର୍ଷ ପରେ ବିଧିବଦ୍ଧ ବିବାହ କଲେ ବୃଦ୍ଧ ଦମ୍ପତି

**ଅହମ୍ମଦାବାଦ, ନ୍ୟୁଜ୍ ବ୍ୟୁରୋ**

ପରିବାର ଲୋକେ ବିବାହକୁ ମାନ୍ୟତା ନ କରିବା ପରେ ଗୁଜରାଟର ଜଣେ ଯୁବକ ଓ ଯୁବତୀ ଆଜକୁ ୭୪ ବର୍ଷ ପୂର୍ବେ ଘର ଛାଡି ପଳାଇବା ସହ ଗୋପନରେ ବିବାହ କରିଥିଲେ। ଇତିମଧ୍ୟରେ ସେମାନଙ୍କର ସନ୍ତାନ ଓ ନାତି ନାତୁଣୀ ଏହି ବୟସ୍କ ଦମ୍ପତିଙ୍କର ବିଧିବଦ୍ଧ ବିବାହ କରାଇଛନ୍ତି। ସୂଚନାଯୋଗ୍ୟ ହର୍ଷ ଓ ମୃଦୁଳ ମଧ୍ୟରେ ପିଲାବେଳରୁ ପ୍ରେମସମ୍ପର୍କ ଗଢି ଉଠିଥିଲା। ପ୍ରାପ୍ତ ବୟସ୍କ ହେବାପରେ ସେମାନେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଉଭୟ ଭିନ୍ନ ଧର୍ମ (ହିନ୍ଦୁ ଓ ଜୈନ)ର ହୋଇଥିବାରୁ ସେମାନଙ୍କ ପରିବାର ଏହି ବିବାହ ପାଇଁ ଆଦୌ ରାଜି ହୋଇନଥିଲେ। ଫଳରେ ୧୯୬୦ ମସିହାରେ ମୃଦୁ ହର୍ଷଙ୍କ ପାଇଁ ଏକ ଚିଠି ଲେଖି ଘରୁ ପଳାଇବା ସହ ହର୍ଷଙ୍କ ସହ ନୂଆ ଜୀବନ ଆରମ୍ଭ କରିଥିଲେ। ୭୪ ବର୍ଷ ପରେ ସେମାନଙ୍କର ସନ୍ତାନ ଓ ନାତି ନାତୁଣୀ ଏହି ସମ୍ପର୍କକୁ ବିଧିବଦ୍ଧ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଫଳରେ ଆୟୋଜିତ ଏକ ଉତ୍ସବରେ ହର୍ଷ ମୃଦୁଳଙ୍କ ମଥାରେ ସିନ୍ଦୁର ପିନ୍ଧାଇଥିବାବେଳେ ଉଭୟ ପରସ୍ପରକୁ ବରଣମାଳା ପିନ୍ଧାଇଛନ୍ତି। ଏହି ବିବାହ ଉତ୍ସବର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବାପରେ ଉପଭୋକ୍ତାମାନେ ଏହାକୁ ସ୍ୱାଗତ କରିଥିବା ଜଣାପଡ଼ୁଛି।

# ସମୁଦ୍ରରେ ବାତ୍ୟା ମୁହଁରୁ ୭୪ଜଣଙ୍କୁ ବଞ୍ଚାଇ ବୀରତ୍ୱ ସମ୍ମାନର ଅଧିକାରୀ ହେଲେ ପ୍ରଗତି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆରବ ସାଗରରେ ବାତ୍ୟା ମୁହଁରୁ ୭୪ ଜଣଙ୍କ ଜୀବନ ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବ୍ରହ୍ମପୁର ସହର ଉପକଣ୍ଠ ଗୋପାଳପୁର ନିକଟ କମଳାପୁର ଗ୍ରାମର ବାସିନ୍ଦା ଓଡ଼ିଆ ଯବାନ ପ୍ରଗତି କୁମାର ଭାରତ ସରକାରଙ୍କ ଦ୍ୱାରା ବୀରତ୍ୱ ସମ୍ମାନ ତଥା ଗ୍ୟାଲେଣ୍ଟ୍ରି ସମ୍ମାନର ଅଧିକାରୀ ହୋଇଛନ୍ତି। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଦ୍ୱାରା ପ୍ରଗତି ସମ୍ମାନୀତ ହେବା ପରେ କମଳାପୁର ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି। ବୀର ଯବାନମାନଙ୍କ ଗାଁ ଭାବେ ପରିଚିତ କମଳାପୁରର ନାଁକୁ ପ୍ରଗତି ଗୌରବାନ୍ୱିତ କରିଥିବାରୁ ଗ୍ରାମବାସୀ ତାଙ୍କ ପରିବାରକୁ ସାଧୁବାଦ ଜଣାଇଛନ୍ତି। ପ୍ରଗତି ବୀରତ୍ୱ ଓ ଦୁଃସାହସିକତା ପାଇଁ ଆଜି ଆମ ମାଟି ଗର୍ବିତ ବୋଲି



କହିଛନ୍ତି। ମହାରାଷ୍ଟ୍ର କୋଷ୍ଟଗାର୍ଡରେ କାର୍ଯ୍ୟରତ ପ୍ରଗତିଙ୍କ ବୀରତ୍ୱର କଥା ଶୁଣିଲେ ଯାହାର ବି ଛାତି କୁଣ୍ଢେମୋଟ ହୋଇଯିବ। ସେହିଦିନ ଥିଲା ୨୦୨୧ ମସିହା ଜୁନ୍ ୧୭ ତାରିଖ। ଆରବ ସାଗରରେ ଦେଖାଦେଇଥିଲା ବଡ଼ ଧରଣର ବାତ୍ୟା। ଜାହାଜରେ ଗଭୀର ସମୁଦ୍ରରେ କ୍ରୁ ସଦସ୍ୟଙ୍କ ସମେତ ମୋଟ ୧୦୩ ଜଣ ଫସିଯାଇଥିଲେ। ସ୍ଥିତି ଏମିତି ହୋଇଥିଲା ଯେ, ଜାହାଜରେ ଫାଟ ଆସିଯାଇଥିଲା। ସମସ୍ତଙ୍କୁ ଉଦ୍ଧାର କରିବା ଲାଗି ଭାରତ ସରକାରଙ୍କ ଦ୍ୱାରା ଦମନ ଅପରେସନ୍ ଆରମ୍ଭ ହୋଇଥିଲା। ଫଳରେ କିଛି ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୭୪ ଜଣ ଫସିଯାଇଥିଲେ। ଏପରିକି ସେମାନଙ୍କ ମଧ୍ୟରୁ ୧୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ଏହି ସମୟରେ ଓଡ଼ିଆ ଯବାନ ପ୍ରଗତି ନିଜର ସାହସିକତା ଦେଖାଇଥିଲେ। ନିଜ ଟିମ୍ ସହ ହେଲିକପ୍ଟରରେ ଯାଇ ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସଫଳ ହୋଇଥିଲେ। ଫଳରେ ପ୍ରଗତିଙ୍କୁ ଦେଶର ସମ୍ମାନଜନକ ଗ୍ୟାଲେଣ୍ଟ୍ରି ସମ୍ମାନରେ ସ୍ଥାନ ଦିଆଯାଇଥିଲା। ଚଳିତବର୍ଷ ସେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଫଳରେ ତାଙ୍କ ପରିବାର ଓ କମଳାପୁର ଗାଁ ମାଟି ଆଜି ଗର୍ବିତ ହୋଇ ଉଠିଛି। ପ୍ରଗତିଙ୍କ ଭାଇ କ୍ରାନ୍ତି କୁମାର କହିଛନ୍ତି, ମୁଁ ବି ଜଣେ ଯବାନ। କିନ୍ତୁ ବୀରତ୍ୱ ସମ୍ମାନର ଅଧିକାରୀ ହେବା ବହୁତ ଗର୍ବର ବିଷୟ। ଏହି କ୍ଷଣ ସମସ୍ତଙ୍କ ଭାଗ୍ୟରେ ଆସିନଥାଏ। ଭାଇ ଆଜି ଯେଉଁ ସାହସ ଦେଖାଇ ଯେଉଁ ସମ୍ମାନ ପାଇଛନ୍ତି ସେଥିପାଇଁ ମୋ ପରିବାରର ଛାତି ଆଜି ଗର୍ବରେ ଫୁଲି ଉଠୁଛି। ସେପଟେ ପ୍ରଗତିଙ୍କ ମାଆ କହିଛନ୍ତି ମୋ ଗର୍ଭରେ ତାଙ୍କୁ ଜନ୍ମ ଦେଇ ଆଜି ଗର୍ବ ଅନୁଭବ କରୁଛି। ସାରା ଜୀବନ ମୋ ପୁଅ ଏଭଳି ଦେଶ ପାଇଁ ସେବା କରିଆସୁଥିବ। ଅନ୍ୟପକ୍ଷରେ ପ୍ରଗତି ଗାଁକୁ ଫେରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଖପାଖ ଗ୍ରାମର ଯବାନଙ୍କ ଠାରୁ ଆରମ୍ଭ କରି ଅବସରପ୍ରାପ୍ତ ସେନା କର୍ମଚାରୀ ଓ ଅଧିକାରୀମାନେ ପହଞ୍ଚି ତାଙ୍କୁ ସାବାସି ଜଣାଉଛନ୍ତି। ଏହାପୂର୍ବରୁ ପ୍ରଗତି ତଟରକ୍ଷା ପୁରସ୍କାରରେ ସମ୍ମାନୀତ ବି ହୋଇସାରିଛନ୍ତି।

## ବର୍ତ୍ତମାନ ସରକାର ୨୬୩ ପଡ଼ାଗ୍ରାମକୁ ରାଜସ୍ୱଗ୍ରାମ କରିଛନ୍ତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

୧୯୯୫ ମସିହାଠାରୁ ୨୦୨୪ ମସିହା ପର୍ଯ୍ୟନ୍ତ ବିଗତ ୩୦ ବର୍ଷ ମଧ୍ୟରେ ରାଜ୍ୟରେ ୧୦୫୩ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ କରିବା ସଂକ୍ରାନ୍ତ ଆବେଦନ ବୋର୍ଡ ଅଫ ରେଭିନ୍ୟୁଙ୍କ ନିକଟରେ ପହଞ୍ଚିଥିବା ବେଳେ ସେଥିମଧ୍ୟରୁ ୩୦୭ଟି ଗ୍ରାମକୁ ମାପଦଣ୍ଡ ଅନୁଯାୟୀ ବିଚାର କରି ରାଜସ୍ୱ ଗ୍ରାମ ଭାବେ ରୂପାନ୍ତରିତ କରାଯାଇଛି। ବର୍ତ୍ତମାନ ସରକାର ସମୟରେ ୨୬୩ଟି ରାଜସ୍ୱ ଗ୍ରାମ ହୋଇପାରିଛି ଏବଂ ଆଉ ୧୪୭ଟି ଆବେଦନ ବିଚାରାଧୀନ ରହିଛି ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବିଧାନସଭାରେ ପ୍ରକାଶ କରିଛନ୍ତି। ଶାସକ ଦଳ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଧ୍ରୁବଚରଣ ସାହୁ, ଦିବ୍ୟଶଙ୍କର ମିଶ୍ର, ସୁବାସିନୀ ଜେନା, ଗଣେଶ୍ୱର ବେହେରା ପ୍ରମୁଖଙ୍କ ଅନ୍ୟ କେତେକଙ୍କ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ରାଜସ୍ୱ ମନ୍ତ୍ରୀ କହିଥିଲେ, ସାଧାରଣ ଲୋକଙ୍କ ପାଖରେ ତ୍ୱରିତ ରାଜସ୍ୱ ସେବା ପହଞ୍ଚାଇବା ପାଇଁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରାଯାଉଛି। ସେହିପରି ପ୍ରତି ଦୁଇଟି ପଞ୍ଚାୟତକୁ ନେଇ ଗୋଟିଏ ଆର.ଆଇ ସର୍କଲ୍ କରିବାକୁ ବର୍ତ୍ତମାନ ସରକାର ବିଚାର କରୁଛନ୍ତି। ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ନେଇ ଯେଉଁ ନିର୍ଦ୍ଧାରିତ ମାପଦଣ୍ଡ ରହିଛି ତାହା ହେଲା ୨୫୦ କିମ୍ବା ତଦୂର୍ଦ୍ଧ୍ୱ ଜନସଂଖ୍ୟା ଏବଂ ମୂଳ ଗ୍ରାମ ଠାରୁ ୫୦୦ କିଲୋମିଟର ଦୂରତା ମଧ୍ୟରେ ରହିଥିବା।

## ଜାତୀୟ ରାଜପଥ ଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନର ଆଲୋଚନା

# ଚାଷ ଜମିରୁ ଜଳ ନିଷ୍କାସନ ଓ କେନାଲର ପୁନରୁଦ୍ଧାର ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥର ସମ୍ପ୍ରସାରଣ କାମ ଚାଲୁ ରହିଛି। ଏନେଇ ବିଭିନ୍ନ ସ୍ଥାନରେ ଅନେକ ସମସ୍ୟା ସମାଧାନ ହେଇପାରୁନଥିବାରୁ ଚାଷୀ ଓ ସ୍ଥାନୀୟ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ସମାଧାନ କରିବା ପାଇଁ ଜିଲ୍ଲା ପ୍ରଶାସନ ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ନିର୍ମାଣ କରୁଥିବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ଜିଲ୍ଲା ପ୍ରଶାସନର ଏକ ବୈଠକ ଅନୁଷ୍ଠିତ ହୋଇଛି।



ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଞ୍ଜନ ରାଉତ, ଜଳ ସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଏସ୍‌ଡିଓ ଧରଣୀଧର ବେହେରା, ଡ୍ରେନେଜ୍ ଏସି ପ୍ରତାପ ସ୍ୱାଇଁ, ଜାତୀୟ ରାଜପଥର ପ୍ରବିଣ କୁମାର ସିଂହ, ଶ୍ରୀକାନ୍ତ ପରିଜା, ରୁଦ୍ର କିଶୋର ସେଠୀ, ରମଣ କୁମାର ଦାସ, ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମି ଗୁଡିକରୁ ଜଳ ନିଷ୍କାସନ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇପାରିନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏଥିସହିତ ଜଳ ସେଚନ ବିଭାଗର ଛଘରିଆ, ଶିଳିପୁର ଓ ମାର୍ଶାଘାଇର କେନାଲ ଗୁଡିକୁ ପୋତି ଦିଆଯାଇଥିବାରୁ ଚାଷୀମାନେ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜମି ସମସ୍ୟା ମଧ୍ୟ ସମାଧାନ ହୋଇନଥିବାରୁ ଡ୍ରେନେଜ୍ ଓ ରାସ୍ତା ସମସ୍ୟା ଦୂର ହୋଇପାରୁନାହିଁ। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଓ ଜଳ ସେଚନ ବିଭାଗର କେନାଲ୍‌କୁ ତୁରନ୍ତ ସଫା କରିବା ପାଇଁ ଜାତୀୟ ରାଜପଥ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

# ୨୩ ଖଣି ମାମଲାରେ ୨୭ଶହ କୋଟି ଆଦାୟ ପାଇଁ ମକଦ୍ଦମା କରାଯାଇଛି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

୨୦୨୦-୨୧ରେ ଖଣି ରାଜସ୍ୱ ୧୩୯୮୧ କୋଟି ଟଙ୍କା, ୨୦୨୧-୨୨ରେ ୪୯୮୫୯ କୋଟି ଟଙ୍କା, ୨୦୨୨-୨୩ରେ ୩୮୦୭୫ କୋଟି ଟଙ୍କା, ୨୦୨୩-୨୪ରେ ୪୬୩୯୬ କୋଟି ଟଙ୍କା ଏବଂ ୨୦୨୪-୨୫ରେ ଏପର୍ଯ୍ୟନ୍ତ ୩୯୨୪୨ କୋଟି ଟଙ୍କା ଆଦାୟ ହୋଇଥିବା ନେଇ ଗୁରୁବାର ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ତରଫରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି। ବିଧାୟିକା ଉପାସନା ମହାପାତ୍ରଙ୍କ ଏ ସମ୍ପର୍କିତ ଏକ ମୂଳ ପ୍ରଶ୍ନ ଏବଂ ବିଧାୟକ ସର୍ବଶ୍ରୀ ନିରଞ୍ଜନ ପୂଜାରୀ, ସିଦ୍ଧାନ୍ତ ମହାପାତ୍ର, ରଘୁରାମ ମାଛ, ତୁଷାରକାନ୍ତି ବେହେରା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସନାତନ ବିଜୁଳି ପ୍ରମୁଖଙ୍କ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଖଣି ଦୁର୍ନୀତି ସଂକ୍ରାନ୍ତରେ ତଦନ୍ତ କରିଥିବା ଶାହା କମିଶନଙ୍କ ରିପୋର୍ଟ ଅନୁସାରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୩ଟି ଖଣି ସଂକ୍ରାନ୍ତ ମାମଲାରେ ରାଜ୍ୟ ସରକାର ୨୭୦୦ କୋଟିର କେସ୍ କରିଛନ୍ତି। ଏହି ଅର୍ଥ ଆଦାୟ ପାଇଁ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ରାଜ୍ୟରେ ଲଘୁ ଖଣିଜ ପଦାର୍ଥରୁ ରାଜସ୍ୱ ଆଦାୟ ମଧ୍ୟ କରାଯାଉଛି। ବିଗତ ୩ ବର୍ଷରେ ଯଥାକ୍ରମେ ୧୧୪୫ କୋଟି, ୧୪୮୭ କୋଟି ଏବଂ ୧୦୩୩ କୋଟି ଟଙ୍କା ଆଦାୟ ହୋଇଛି।

# ଋଷିକୂଲ୍ୟା ନଦୀର ସୁରକ୍ଷା ପଦଯାତ୍ରା ଉଦ୍‌ଯାପିତ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଋଷିକୂଲ୍ୟା ନଦୀର ସୁରକ୍ଷା ପାଇଁ ଋଷିକୂଲ୍ୟା ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ତରଫରୁ ଗତ ୧୬ ତାରିଖରୁ ପିପଳପଙ୍କା ଠାରୁ ଆରମ୍ଭ ହୋଇଥିବା ଦଶ ଦିନିଆ ପଦଯାତ୍ରା ମାର୍ଚ୍ଚ ୨୫ ନଦୀର ମୁହାଣ ରୂପେ ପରିଚିତ ପୁରୁଣାବନ୍ଧ ଠାରେ ଉଦ୍‌ଯାପିତ ହୋଇଛି। ଋଷିକୂଲ୍ୟା ନଦୀର ଉପରମୁଣ୍ଡରେ ପିପଳପଙ୍କା ଠାରେ ପ୍ରସ୍ତାବିତ ଡ୍ୟାମ୍ ନିର୍ମାଣ ବାତିଲ୍ କରିବା ତଥା ନଦୀଶଯ୍ୟାରୁ ଅବାଧ ବାଲି ଖନନକୁ ବନ୍ଦ କରିବା ଦାବିରେ ଏହି ପଦଯାତ୍ରା ଆୟୋଜିତ ହୋଇଥିଲା। ଋଷିକୂଲ୍ୟା ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ତରଫରୁ ଆୟୋଜିତ ଏହି ପଦଯାତ୍ରା ଗତ ଦଶ ଦିନ ମଧ୍ୟରେ ନଦୀର ଉଭୟ ପାର୍ଶ୍ୱରେ ଥିବା ସୋରଡା, ଧରାକୋଟ, ଆସିକା, ଶେରଗଡ଼, ହିଞ୍ଜିଳି, ପୁରୁଷୋତ୍ତମପୁର, ଛତ୍ରପୁର ଓ ଗଞ୍ଜାମ ବ୍ଲକର ଶତାଧିକ ଗ୍ରାମ ପରିକ୍ରମା କରିବା ସହ ପଥପ୍ରାନ୍ତ ସଭା ଜରିଆରେ ଋଷିକୂଲ୍ୟା ନଦୀ ପ୍ରତି ସୃଷ୍ଟି ହୋଇଥିବା ବିପଦ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ସବୁଠାରେ ସାଧାରଣ ଲୋକେ ନଦୀର ଭୟଙ୍କର ସ୍ଥିତି ନେଇ ନିଜ ନିଜର ଉଦ୍‌ବେଗ ପ୍ରକାଶ କରିଥିଲେ। ପୁରୁଣାବନ୍ଧ ଠାରେ ଅନୁଷ୍ଠିତ ଉଦ୍‌ଯାପନ ସଭାର ସଂଯୋଜନା ଅବସରପ୍ରାପ୍ତ ଶିକ୍ଷକ ବିଜୟ ବିଶ୍ୱାଳ କରିଥିଲେ। ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, କୃଷକ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ, ଶିକ୍ଷାବିତ୍ ବାନାମ୍ବର ପଲେଇ, ଶିକ୍ଷବିତ୍ ତଥା ପରିବେଶ ପ୍ରେମୀ ସୁଧୀର ରାଉତ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସୁରଥ ପାହାନ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ଶ୍ୟାମସୁନ୍ଦର ଖାଡଙ୍ଗା, ଲେଖିକା ଡଃ ବିଧୁପ୍ରଭା ରଥ, ଲୋହିଆ ଏକାଡେମୀର ଅଧ୍ୟକ୍ଷ ଦେବୀ ପ୍ରସାଦ ମହାପାତ୍ର, ଆଡଭୋକେଟ୍ ଦୁର୍ଯ୍ୟୋଧନ ରେଡ୍ଡି, ଭିଟାମାଟି ବଞ୍ଚାଅ ଆନ୍ଦୋଳନର ଆବାହକ ଅରୁଣ ଜେନା, ଏନ୍‌ଏପିଏମ୍‌ର ସଭାପତି ନରେନ୍ଦ୍ର ମହାନ୍ତି, ଦୟାନଦୀ ସୁରକ୍ଷା ଆନ୍ଦୋଳନର ନେତା ସଚୀକାନ୍ତ ପ୍ରଧାନ, ଚାଷୀ ନେତା ସିମାଞ୍ଚଳ ନାହାକ, ସାମାଜିକ କର୍ମୀ ଆଦିତ୍ୟ ରଥ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖି ଋଷିକୂଲ୍ୟା ନଦୀର ଉପରମୁଣ୍ଡରେ ପ୍ରସ୍ତାବିତ ଡ୍ୟାମ୍ ନିର୍ମାଣ ଓ ଅବାଧ ବାଲି ଖନନକୁ ବିରୋଧ କରିବା ସହ ଋଷିକୂଲ୍ୟାର ସୁରକ୍ଷା ପାଇଁ ଆରମ୍ଭ ହୋଇଥିବା ସଂଗ୍ରାମକୁ ଜୋର୍‌ଦାର୍ କରିବାକୁ ଆହ୍ୱାନ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଉଷାରାଣୀ ଆଚାର୍ଯ୍ୟ, କେ. ନାନ୍ଦେଶୁ ସେନାପତି, ସମାଜସେବୀ ସୁବାଷ ରାଉତ, ଏଆଇକେଏମ୍‌ଏସ୍ ସମ୍ପାଦକ ପ୍ରତାପ ନାୟକ, ମତ୍ସ୍ୟଜୀବୀ ନେତା ମାଗତା ବେହେରା, ଚାଷୀ ନେତା କିଶନ ପଟ୍ଟନାୟକ, ଯୁବନେତା ଲକ୍ଷ୍ମୀ ନୃସିଂହ ରଥ, ବିଜୟ ସ୍ୱାଇଁ, ସଞ୍ଜୀବ ରେଡ୍ଡିଙ୍କ ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଅନେକ ଚାଷୀନେତା, ବୁଦ୍ଧିଜୀବୀ, ପରିବେଶବିତ୍ ଓ ସାମାଜିକ କର୍ମୀ ସାମିଲ୍ ହୋଇଥିଲେ। ଏହି ଅବସରରେ ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପଦଯାତ୍ରାରେ ସାମିଲ୍ ହୋଇଥିବା ସମସ୍ତ ପଦଯାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗଞ୍ଜାମ ଜିଲ୍ଲାର ଜୀବନରେଖା ରୂପେ ପରିଚିତ ଋଷିକୂଲ୍ୟା ନଦୀ ଏବେ ସରକାର ଓ କମ୍ପାନୀଙ୍କ ଭୟଙ୍କର ଷଡ଼ଯନ୍ତ୍ରର ଶିକାର ହେବାକୁ ଯାଉଛି। ହଜାରେ କୋଟି ଟଙ୍କାରୁ ଅଧିକ ପ୍ରାରମ୍ଭିକ ଖର୍ଚ୍ଚରେ ଓଡ଼ିଶା ସରକାର ଋଷିକୂଲ୍ୟା ଓ ଓଡାଙ୍ଗୀ ନଦୀର ସଂଯୋଗ ସ୍ଥଳ ରୂପେ ପରିଚିତ ସୋରଡ଼ା ବ୍ଲକ୍ ଅନ୍ତର୍ଗତ ପିପଳପଙ୍କା ଠାରେ ଏକ ବୃହତ୍ ଡ୍ୟାମ୍ ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଋଷିକୂଲ୍ୟାର ଉପର ମୁଣ୍ଡରେ ପ୍ରସ୍ତାବିତ ଏହି ଡ୍ୟାମ୍ ଜରିଆରେ ସରକାର ଛତ୍ରପୁର ଓ ଗୋପାଳପୁର ନିକଟରେ ଅବସ୍ଥିତ ଟାଟା ଓ ଆଦାନୀ ପରି ଘରୋଇ କମ୍ପାନୀଙ୍କର ଶିଳ୍ପ କରିଡ଼ର ଓ ବନ୍ଦରକୁ ଦୀର୍ଘ ୧୦୦ କି.ମି ଲମ୍ବା ପାଇପ୍‌ଲାଇନ୍ ଯୋଗେ ଦୈନିକ ୬୦ ନିୟୁତ ଗ୍ୟାଲନ ଜଳ ଯୋଗାଇବେ ବୋଲି ଘୋଷଣା କରିଛନ୍ତି। ଏହି ଡ୍ୟାମ୍ ନିର୍ମାଣ ହୋଇ ଉପରମୁଣ୍ଡରୁ କମ୍ପାନୀମାନଙ୍କୁ ପାଣି ଚାଲିଗଲେ ବର୍ତ୍ତମାନ ଶୁଷ୍କ ପ୍ରାୟ ଋଷିକୂଲ୍ୟା ନଦୀରେ ପାଣି ଆହୁରି କମିଯାଇ ଏହାକୁ ଏକ ମୃତ ନଦୀରେ ପରିଣତ କରିଦେବ। ଏହାବ୍ୟତୀତ ନଦୀ ଉପରେ ନିର୍ଭର କରୁଥିବା ଜିଲ୍ଲାର ଜଳସେଚନ ବ୍ୟବସ୍ଥା, ବ୍ରହ୍ମପୁର, ଆସିକା, ଛତ୍ରପୁର, ଗୋପାଳପୁର, ଗଞ୍ଜାମ ଆଦି ସହରର ପାନୀୟ ଜଳ ବ୍ୟବସ୍ଥା ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବ। ନଦୀ ଉପରେ ନିର୍ଭରଶୀଳ ନଦୀର ଉଭୟ କୂଳରେ ଥିବା ଶତାଧିକ ଗ୍ରାମର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ଓ ଚାଷ କ୍ଷତିଗ୍ରସ୍ତ ହେବ। ପିପଳପଙ୍କାରେ ଡ୍ୟାମ୍ ନିର୍ମାଣ ଫଳରେ ଗଞ୍ଜାମ-କନ୍ଧମାଳ ସୀମାରେ ରହିଥିବା ଦୁଇ ହଜାର ହେକ୍ଟରରୁ ଅଧିକ ଘଞ୍ଚ ଜଙ୍ଗଲ ନଷ୍ଟ ହୋଇଯିବ। ଏହାସହିତ ସେହି ଅଞ୍ଚଳର ୨୩ ଖଣ୍ଡ ଗ୍ରାମର ଚାଷୀ ଓ ଆଦିବାସୀମାନେ ସବୁବେଳ ପାଇଁ ନିଜର ଭିଟାମାଟି ଓ ଜୀବନ ଜୀବିକା ହରାଇବେ। ସରକାର ଟାଟା, ଆଦାନୀ ପରି ଘରୋଇ କମ୍ପାନୀଙ୍କ ପାଣି ଆବଶ୍ୟକତାକୁ ପୂରଣ କରିବା ପାଇଁ ସରକାରୀ ଖର୍ଚ୍ଚରେ କରିବାକୁ ଯାଉଥିବା ଏହି ସର୍ବନାଶୀ ପ୍ରକଳ୍ପ ବିରୁଦ୍ଧରେ ସ୍ଥାନୀୟ ଲୋକେ ଓ ଋଷିକୂଲ୍ୟା ସୁରକ୍ଷା କ୍ରିୟାନୁଷ୍ଠାନ କମିଟି ଆରମ୍ଭରୁ ହିଁ ନିଜର ମତପ୍ରକାଶ କରି ଆସିଛି।

## ଆଧ୍ୟାତ୍ମବାଦୀ ଯୁବକଙ୍କ ଅକାଳ ବିୟୋଗ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ସଂଯୋଜକ ତଥା ଆଧ୍ୟାତ୍ମବାଦୀ ସନ୍ତୋଷ କୁମାର ଧରଙ୍କ କନିଷ୍ଠ ପୁତ୍ର ଆଧ୍ୟାତ୍ମବାଦୀ ରୀତେଶ କୁମାର ଧର (୨୬)ଙ୍କ ଅକାଳ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ହେବ ଶାରୀରିକ ଅସୁସ୍ଥତା କାରଣରୁ କଟକ ସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ଚିକିତ୍ସାଧୀନ ଥିବାବେଳେ ବୁଧବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ପିଲାଟି ଦିନରୁ ଜଗନ୍ନାଥଙ୍କ ଜଣେ ଭକ୍ତ ଓ ଅଞ୍ଚଳରେ ବିଭିନ୍ନ ସମୟରେ ଆୟୋଜିତ ଆଧ୍ୟାତ୍ମିକ ଓ ଜଗନ୍ନାଥ ଭକ୍ତ ସମ୍ମିଳନୀରେ ସକ୍ରିୟ ଅଂଶ ଗ୍ରହଣ କରୁଥିଲେ। ଓଟିଏମ୍ କଲୋନୀ ସ୍ଥିତ ଶ୍ରୀ ଶ୍ରୀ ବୈକୁଣ୍ଠ ନାଥ ବ୍ରହ୍ମଚାରୀ ଆଶ୍ରମର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ଜଗନ୍ନାଥ ଭକ୍ତ ମହଲରେ ଶୋକର ଛାୟା ଖେଳିଯାଇଥିଲା। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମକୁ ନିଆଯିବା ସହିତ ଚୌଦ୍ୱାର ଅଞ୍ଚଳ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗ ଦ୍ୱାରରେ ସତ୍କାର କରାଯାଇଥିଲା। ବଡ ଭାଇ ଜ୍ଞାନେଶ କୁମାର ଧର ମୁଖାଗ୍ନି ଦେଇଥିଲେ। ଜଗନ୍ନାଥ ସଂସ୍କୃତି ପରିଷଦର ରାଜ୍ୟ ପ୍ରବକ୍ତା ସତ୍ୟାନନ୍ଦ ଦାସ ମହାରାଜ, ପୁରୀ ରାଧାବଲ୍ଲଭ ମଠ ମହନ୍ତ ଶ୍ରୀ ଶ୍ରୀ ରାମକୃଷ୍ଣ ଦାସ ମହାରାଜ, କୁନି ପ୍ରବଚକ କେଶବାନନ୍ଦ ଦାସଙ୍କ ସମେତ ବହୁ ସାଧୁ ସନ୍ୟାସୀ, ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍‌ସିଲର ଆଶୁତୋଷ ଦାସ, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ଜଗନ୍ନାଥ ପ୍ରଚାର ସମିତିର ଶରତ କୁମାର ଖୁଣ୍ଟିଆ, ଇମ୍ଫାର ପୂର୍ବତନ ନିର୍ଦ୍ଦେଶକ ଏ.କେ. ଦାସ, ୟୁଏମ୍‌ଏସ୍‌ଏଲ୍‌ର ସାଧାରଣ ପ୍ରବନ୍ଧକ ଭାଗବତ ସାହୁ, ଜଗନ୍ନାଥ ଭକ୍ତ ସମାଜ ସଦସ୍ୟ ବିମଳ କୁମାର ବେଉରା, ଅର୍ଜୁନ ପଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ରୀତେଶଙ୍କ ଶବାଧାରରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# 'ରୂପାନ୍ତର' ପକ୍ଷରୁ ସାମ୍ପ୍ରତିକ ସମାଜରେ ମଞ୍ଚ ନାଟକର ସ୍ଥିତି ନେଇ ଆଲୋଚନା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମାର୍ଚ୍ଚ ୨୭ ତାରିଖ ବିଶ୍ୱ ନାଟ୍ୟ ଦିବସ ଅବସରରେ ସ୍ଥାନୀୟ ଭଞ୍ଜପୁର, ହରିହର କଳାମନ୍ଦିର ଠାରେ ବାରିପଦାର ସୁନାମଧନ୍ୟ ନାଟ୍ୟସଂସ୍ଥା ରୂପାନ୍ତର ଦ୍ୱାରା ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଯାଇଛି। ଉକ୍ତ ସଭାରେ ରୂପାନ୍ତରର ସଭ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ଦାସ, ଦୀପକ ପାଣି, ଅଭିମନ୍ୟୁ ମହାନ୍ତି, କାହ୍ନୁ ଚରଣ ବଶା, ସପନ ପଣ୍ଡା, ବିଶ୍ୱମ୍ଭର ସିଂହ, ଦିନେଶ ସାହୁ, ଅପୂର୍ବା ସାହୁ, ମଦନ ଜେନା, ମୁନା ଗୁପ୍ତା, ରବୀନ୍ଦ୍ର ବେହେରା, ନାରାୟଣ ମଣ୍ଡଳ ଏବଂ ଶୁଭେନ୍ଦୁ ସାହୁ ପ୍ରଭୃତି ଯୋଗ ଦେବା ସହିତେ ସାଂପ୍ରତିକ ସମାଜରେ ମଞ୍ଚ



ନାଟକର ସ୍ଥିତି ତଥା ଆଗାମୀ ଦିନରେ ମଞ୍ଚ ନାଟକ କିପରି ଦର୍ଶକମାନଙ୍କ ଦ୍ୱାରା ଅଧିକ ଆଦୃତ ହୋଇପାରିବ ସେ ସଂପର୍କରେ ଆଲୋଚନା କରଯାଇଥିଲା। ଆସନ୍ତା ଏପ୍ରିଲ ୨୭ ତାରିଖ ଦିନ ବାରିପଦା ଶହୀଦ୍ ଭବନଠାରେ ଅନୁଷ୍ଠାନ ଦ୍ୱାରା ବସନ୍ତ ଉତ୍ସବର ଆୟୋଜନ କରାଯାଇ ଅପଦାର୍ଥ ନାମକ ଏକ ନାଟକ ପରିବେଷଣ କରାଯିବ। ଉକ୍ତ ନାଟକକୁ ରଚନା କରିଛନ୍ତି ପ୍ରଖ୍ୟାତ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ର ଏବଂ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ପରେଶ ସାହୁ। ଏହି ନାଟ୍ୟଦିବସ ପାଳନ ଅବସରରେ ପ୍ରତିଷ୍ଠିତ ଗୀତିକାର ସ୍ୱର୍ଗତ ସଂଗ୍ରାମ କେଶରୀ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହିତ ତାଙ୍କର ବିଭିନ୍ନ ସାହିତ୍ୟିକ ତଥା ସାଂସ୍କୃତିକ କୃତି ସଂପର୍କରେ ସ୍ମୃତି ଚାରଣ କରଯାଇଥିଲା ଏବଂ ସଂଗ୍ରାମ କେଶରୀ ସ୍ମୃତି ସମ୍ମାନ ନାମରେ ଏକ ପୁରସ୍କାର ମଧ୍ୟ ଘୋଷଣା କରାଯାଇଥିଲା। ଏହି ପୁରସ୍କାର ଆଗାମୀ ଦିନରେ ପ୍ରତ୍ୟେକ ବର୍ଷ ରୂପାନ୍ତର ଦ୍ୱାରା ଆୟୋଜିତ ବସନ୍ତ ଉତ୍ସବରେ ଓଡ଼ିଶାର ମଞ୍ଚ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମିତ୍ତ ଜଣେ ବିଶିଷ୍ଟ କଳାକାରଙ୍କୁ ପ୍ରଦାନ କରାଯିବ। ଚଳିତ ବର୍ଷ ୨୦୨୫ ମସିହା ପାଇଁ ବିଶିଷ୍ଟ ନାଟ୍ୟକାର ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଉପାଧ୍ୟକ୍ଷା ଡକ୍ଟର ଦମୟନ୍ତୀ ବେଶ୍ରା ଏବଂ ଅଧ୍ୟକ୍ଷ ବିରେନ୍ଦ୍ରନାଥ ସାହୁ ଜଣାଇଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟିଲେ ଆୟବା ସମିତିର ପଞ୍ଜିକୃତ ଚାଷୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଆୟବା କୃଷି ସମବାୟ ସମିତିର ପଞ୍ଜିକୃତ ଚାଷୀମାନେ ଜିଲ୍ଲାପାଳଙ୍କୁ ଭେଟି ସମିତି ସେମାନଙ୍କର ଧାନ ନେଉନଥିବା ସଂପର୍କରେ ଆଲୋଚନା କରିଥିଲେ। ଏହି ସମିତିରେ ଟାର୍ଗେଟ୍ ଥାଇ ମଧ୍ୟ ଶତାଧିକ ଚାଷୀ ସେମାନଙ୍କର ଧାନ ଆଜି ପର୍ଯ୍ୟନ୍ତ ବିକ୍ରି କରିନଥିବା ସଂପର୍କରେ ସମିତି ସଂପାଦକ ଓ ସଭାପତିଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଚାଷୀଙ୍କର କୌଣସି ବ୍ୟବସ୍ଥା ନହେବାରୁ ଗୁରୁବାର ସମସ୍ତ ଚାଷୀ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଓ ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁଙ୍କୁ ଭେଟି ତୁରନ୍ତ ସେମାନଙ୍କ ଧାନକୁ ନେବା ପାଇଁ ଦାବି କରିଛନ୍ତି। ଜିଲ୍ଲାପାଳ ଅଭିଯୋଗ ପାଇବା ପରେ ଏଆର୍‌ସିଏସ୍‌ଙ୍କୁ ଡାକି ତୁରନ୍ତ ଘଟଣା ସମ୍ପର୍କରେ ତଦନ୍ତ କରି ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆଲୋଚନା ସମୟରେ ବିଜେପିର ବରିଷ୍ଠ ନେତା ଗଗନ ବିବାରୀ ସାହୁ, ଆଇନଜୀବୀ ଦୁର୍ଯ୍ୟୋଧନ ସାହୁ, ଅଂଶୁମାନ ଦାସ, ସଚ୍ଚିକାନ୍ତ ଘଡାଇ, ପ୍ରଭାତ ସାହୁ, ପ୍ରେମାନନ୍ଦ ଘଡାଇ ପ୍ରମୁଖ ଉପସ୍ଥିତ ଥିଲେ।





## ଓଡ଼ିଶା ଦିବସ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ସ୍ତରୀୟ ଓଡ଼ିଶା ଦିବସ-୨୦୨୫ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ସାଳନ୍ଦୀ ନର୍ସିଂ ସ୍କୁଲ୍‌ର ପୃଷ୍ଠପୋଷକତାରେ ଜିଲ୍ଲା ସଂସ୍କୃତି ଭବନରେ ଓଡ଼ିଆ ଭାଷାରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମଧ୍ୟ ଇଂରାଜୀ ଓ ହାଇସ୍କୁଲ ସ୍ତରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଶିକ୍ଷକ ଗୀତାରାଣୀ ଆଇଚ, ତପସ୍ୱିନୀ ଦାସ, କୃଷ୍ଣ ପ୍ରସାଦ ସାହୁ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ମନୀନ୍ଦ୍ର ମହାନ୍ତି, ଆରତୀ ମହାନ୍ତି ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସାଳନ୍ଦୀ ନର୍ସିଂ ସ୍କୁଲ୍‌ର ସତ୍ୱାଧିକାରୀ ଡା. ପ୍ରଭାସ ଚନ୍ଦ୍ର ମହାନ୍ତି ଓ ସମାଜସେବୀ ସୀତାକାନ୍ତ ଦାସ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୬ଷ୍ଠ ଓ ୭ମ ଶ୍ରେଣୀକୁ ନେଇ ହୋଇଥିବା ଜୁନିୟର ଗ୍ରୁପ୍‌ରେ ଏସ୍.ବି.ଡି. ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଶ୍ରେୟାଂଶ ପଣ୍ଡା ୧ମ, ଏ.ସି. ସରକାରୀ ହାଇସ୍କୁଲ୍, ଘଣ୍ଟେଶ୍ୱରର ଶତାବ୍ରତା ପାଣିଗ୍ରାହୀ ୨ୟ, ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟର ଅଲିଭା ଜ୍ୟୋତି ଓଝା ୩ୟ ସ୍ଥାନ ନେଇଥିଲେ। ସେହିପରି ୮ମ ଓ ୯ମ ଶ୍ରେଣୀକୁ ନେଇ ହୋଇଥିବା ସିନିୟର ଗ୍ରୁପ୍‌ରେ ଏସ୍.ବି.ଡି. ସ୍କୁଲ୍‌ର ଆସ୍ଥା ନାୟକ ୧ମ, କେ.ସି. ହାଇସ୍କୁଲ୍ କୋ ଏଜୁକେସନ୍, ଭଦ୍ରକର ଶୁଭମ୍ କୁମାର ମହାରଣା ୨ୟ, ନେହେରୁ ନୋଡ଼ାଲ୍ ଉଚ୍ଚ ବିଦ୍ୟାପୀଠ, ଗଣିଜାଙ୍ଗର ଇତିଶ୍ରୀ ନାୟକ ୩ୟ ସ୍ଥାନ ଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ କି ହାଇସ୍କୁଲ୍ ସ୍ତରରେ ୧ମ ହୋଇଥିବା ଆସ୍ଥା ନାୟକ ରାଜ୍ୟ ସ୍ତରରେ ଭୁବନେଶ୍ୱରରେ ହେବାକୁ ଥିବା ବକ୍ତୃତା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଯାହା ମାର୍ଚ୍ଚ ୩୧ ତାରିଖ ଦିବା ୧୧ ଘଟିକାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ କାର୍ଯ୍ୟାଳୟ, ଭୁବନେଶ୍ୱର, ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ବାଲିଶଙ୍କରାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୨୪ ତାରିଖରେ ସୁନ୍ଦରଗଡର ବାଲିଶଙ୍କରା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମନୋଜ ମହାଜନ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ୍ ୮୪ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୪୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୩ ଗୋଟି ଅଭିଯୋଗର ତତ୍‌କ୍ଷଣାତ୍ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ୬ ଗୋଟି ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ଆବେଦନ ରହିଥିଲା। ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ବାଲିଶଙ୍କରା ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।




# ଶିଶୁ ପାଇଁ ଦିନଟିଏ ଏବଂ ଭ୍ରୂଣ ଲିଙ୍ଗ ନିରୂପଣ ଆଇନ୍ ଉପରେ କର୍ମଶାଳା

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଏବଂ ଭ୍ରୂଣ ଲିଙ୍ଗ ନିରୂପଣ ଆଇନ୍ ଉପରେ କର୍ମଶାଳା ଦରବାର ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା କମିଟି ଯଥା ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତିକରଣ ଓ ବାଲ୍ୟ ବିବାହ ପ୍ରତିରୋଧ, ଟାସ୍କଫୋର୍ସ, ଶିଶୁଶ୍ରମିକ ନିରାକରଣ ଏବଂ ଚାଇଲ୍ଡ ଲାଇନ୍ ପରାମର୍ଶଦାତା କମିଟିର ମିଳିତ ବୈଠକ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭ୍ରୂଣ ଲିଙ୍ଗ



ନିରୂପଣ କରିବା ଏକ ଦଣ୍ଡନୀୟ ଅପରାଧ ଏବଂ ଏହି ବାର୍ତ୍ତା ଉପରେ ସାରା ଜିଲ୍ଲାରେ ସମସ୍ତେ ସଚେତନ ହେବା ଦରକାର। ଏହି କାର୍ଯ୍ୟକ୍ରମରେ ଶିଶୁ ଶ୍ରମିକ ନ ରଖିବା ପାଇଁ, ଇଟାଭାଟି ମାନଙ୍କୁ ନୋଟିସ୍ ବୋର୍ଡ ଲଗାଇବା ପାଇଁ ଆଲୋଚନା ହୋଇଥିଲା। ଅଧାରୁ ପାଠ ଛାଡୁଥିବା ପିଲାମାନଙ୍କୁ ଜିଲ୍ଲାରୁ ଏକ କମିଟି କରି ଅଭିଯାନ ମାଧ୍ୟମରେ "ବ୍ୟାକ୍ ଟୁ ସ୍କୁଲ୍" କରିବାର ପ୍ରୟାସ କରିବା ପାଇଁ ଆଲୋଚନା ହୋଇଥିଲା। ବାଲ୍ୟ ବିବାହ ମୁକ୍ତ ଗ୍ରାମ ଚିହ୍ନଟକରଣ କରିବା ଏବଂ ସେହି ଗ୍ରାମ ଗୁଡିକରେ ମିଳିତ ଭାବରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଗ୍ରାମରେ ଥିବା ଅନାଥ ଏବଂ ଏକାକୀ ମାତା କିମ୍ବା ପିତାଙ୍କ ସହିତ ଥିବା ଶିଶୁ ମାନଙ୍କୁ ଚିହ୍ନଟ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଶୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରୂପମା ସାହୁ, ସମାଜ କଲ୍ୟାଣ ଅଧିକାରୀ ସ୍ନେହଲତା ସାହୁ, ଅତିରିକ୍ତ ଜିଲ୍ଲା କଲ୍ୟାଣ ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ବିଭୁତି ଭୂଷଣ ଦାଶ, ଚାଇଲ୍ଡ ଲାଇନ୍‌ର କର୍ମକର୍ତ୍ତା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟଳୟର କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ପ୍ରିୟଙ୍କା ମଲ୍ଲିକ ପରିଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

31 YEARS

ଭୁବନେଶ୍ୱର, ୩୦ ମାର୍ଚ୍ଚ, ରବିବାର, ୨୦୨୫



# ଆଇପିଏଲ୍‌ରେ ବିକ୍ରି ନ ହୋଇ ବି କୋଟି କୋଟି ରୋଜଗାର କଲେ ୱାର୍ଣ୍ଣର



**ହାଇଦ୍ରାବାଦ**

ଅଷ୍ଟ୍ରେଲିଆର ପୂର୍ବତନ କ୍ରିକେଟର ଡେଭିଡ୍ ୱାର୍ଣ୍ଣର ଭାରତକୁ ବହୁତ ଭଲ ପାଆନ୍ତି। ବିଶେଷକରି ଭାରତର ଲୋକ, ସଂସ୍କୃତି ଏବଂ ସିନେମା ତାଙ୍କୁ ପସନ୍ଦ। ଏଥିନେଇ ସେ ଭାରତୀୟ ସିନେମା ଗୀତରେ ପିଲାମାନଙ୍କ ସହ ନାଚୁଥିବା ଦେଖାଯାଇଥାଏ। ହେଲେ ଏବେ ସିନେମାରେ ସେ ଡେବ୍ୟୁ କରିବାକୁ ଯାଉଛନ୍ତି । ତେଲୁଗୁ ଫିଲ୍ମ ରବିନହୁଡ୍‌ରେ ସେ ନଜର ଆସିବେ।

କହିବାକୁ ଗଲେ କ୍ରିକେଟ ବ୍ୟତିତ ୱାର୍ଣ୍ଣରଙ୍କୁ ଅଭିନୟ ପସନ୍ଦ । ଭାରତରେ ଏବେ ତାଙ୍କର ଏହି ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଅଭିନେତା ନୀତିନ ଏବଂ ଶ୍ରୀଲିଲାଙ୍କ ଫିଲ୍ମ ରବିନହୁଡ୍ ମାର୍ଚ୍ଚ ୨୮ରେ ସିନେମା ଘରକୁ ଆସିବେ। ଏଥିରେ ସେ କାମିଓ କରିଛନ୍ତି।

ଚରିତ୍ର ସ୍ୱଳ୍ପ ଅବଧୀର ହୋଇଥିଲେ ହେଁ ତାଙ୍କୁ ମୋଟା ଅଙ୍କର ପାଉଣା ମିଳିଛି। ଓଟିଟି ପ୍ଲେର ଏକ ରିପୋର୍ଟ ମୁତାବକ ତାଙ୍କୁ ଏହି ଫିଲ୍ମ ପାଇଁ ୩ କୋଟି ଟଙ୍କା ଦିଆଯାଇଛି।

ତେବେ ଆଇପିଏଲ୍ ୨୦୨୫ରେ ୱାର୍ଣ୍ଣରଙ୍କୁ କୌଣସି ଟିମ୍ କିଣିନାହିଁ । ହେଲେ ଟି୨୦ ଇତିହାସର ସବୁଠାରୁ ଚର୍ଚ୍ଚିତ ଖେଳାଳି ହେଉଛନ୍ତି। ସେ ଏହି ସିଜନରେ ତାଙ୍କୁ କ୍ରେତା ମିଳି ନ ଥିଲେ ହେଁ ଫିଲ୍ମରେ ଅଭିନୟ କରି ସେ କୋଟି କୋଟି ଟଙ୍କା କମାଇଛନ୍ତି।

# ମୁମ୍ବାଇକୁ ୩୬ ରନ୍‌ରେ ହରାଇଲା ଗୁଜରାଟ

**ଅହମ୍ମଦାବାଦ**

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମଠାରେ ଶନିବାର ଖେଳାଯାଇଥିବା ଆଇପିଏଲ ୨୦୨୫ର ଏକ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୩୬ ରନରେ ହରାଇ ଦେଇଛି ଗୁଜରାଟ ଟାଇଟନ୍ସ । ଜିତିବା ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଆଗରେ ୧୯୭ ରନ୍‌ର ଲକ୍ଷ୍ୟ ଥିଲେ ବି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୦ ରନ କରିପାରିଥିଲା । ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ୪୮ ରନ ଓ ତିଳକ ବର୍ମା ୩୯ ରନ କରିଥିଲେ। ଗୁଜରାଟ ପକ୍ଷରୁ ମହମ୍ମଦ ସିରାଜ ଓ ପ୍ରସିଦ୍ଧ ବର୍ମା ୨ଟି ଲେଖାଏଁ ୱିକେଟ ନେଇଥିଲେ । ଏହି ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୯୬ ରନ କରିଥିଲା । ଦଳ ପକ୍ଷରୁ ସାଇ ସୁଦର୍ଶନ ସର୍ବାଧିକ ୬୩ ରନ କରିଥିବାବେଳେ ଶୁଭମନ ଗିଲ୍



୩୮ ରନ ଓ ଜସ୍ ବଟଲର ୩୯ ରନ କରିଥିଲେ । ଦଳର ପ୍ରଥମ ତିନିଜଣ ବ୍ୟାଟ୍ସମ୍ୟାନଙ୍କୁ ଭଲ ପ୍ରଦର୍ଶନ ବଳରେ ଗୁଜରାଟ ଏକ ବଡ଼ ସ୍କୋର ଆଡକୁ ଅଗ୍ରସର ହେଉଥିଲା। କିନ୍ତୁ ମଧ୍ୟକ୍ରମ ଓ ନିମ୍ନକ୍ରମ ବ୍ୟାଟ୍ସମ୍ୟାନଙ୍କ ଖରାପ ପ୍ରଦର୍ଶନ ଯୋଗୁଁ ଦଳ ୨୦୦ ଟପିପାରିନଥିଲା ଓ ୧୯୬ ରନରେ ହିଁ ସୀମିତ ରହିଯାଇଥିଲା ।

# ମ୍ୟାଚ୍ ପରେ ବୋଲରଙ୍କ ଉପରେ ରାଗିଗଲେ ବିରାଟ କୋହଲି



**ନୂଆଦିଲ୍ଲୀ**

ଆଇପିଏଲ୍ ୨୦୨୫ରେ ଲଗାତାର ୨ ମ୍ୟାଚ୍‌ରେ ବିଜେତା ହୋଇଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆର୍‌ସିବି)। ଶୁକ୍ରବାର ସିଏସ୍‌କେ ବିପକ୍ଷରେ ଖେଳାଯାଇଥିବା ମୁକାବିଲାରେ ଦଳ ୫୦ ରନ୍‌ରେ ବାଜି ମାରିନେଇଥିଲା। ହେଲେ ମ୍ୟାଚ୍‌ରେ ବିରାଟ କୋହଲି ଆଶା ମୁତାବକ ପ୍ରଦର୍ଶନ କରିପାରି ନ ଥିଲେ। ଏସବୁ ମଧ୍ୟରେ ସୋସିଆଲ ମିଡିଆରେ ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି । ଭିଡିଓଟି ମ୍ୟାଚ୍ ପରର ହୋଇଥିବା ବେଳେ ବିରାଟ ସିଏସ୍‌କେ ଖେଳାଳିଙ୍କ ଉପରେ ରାଗୁଥିବା ନଜର ଆସୁଛି।

ଭାଇରାଲ ଭିଡିଓରେ କୋହଲି ରବିନ୍ଦ୍ର ଜାଡେଜାଙ୍କ ସହ ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି । ହସମଜା ଚାଲୁଥିବା ବେଳେ ସେଠାକୁ ଚେନ୍ନାଇର ଦ୍ରୁତ ବୋଲର ଖଲୀଲ ଅହମ୍ମଦ ଆସୁଛନ୍ତି । ଏହାପରେ କୋହଲି ରାଗିଯାଇ ତାଙ୍କୁ କିଛି କହୁଛନ୍ତି । ଅପରପକ୍ଷେ ଖଲୀଲ ଚୁପ୍‌ଚାପ୍ ତାଙ୍କୁ ଶୁଣୁଛନ୍ତି।

କହିବାକୁ ଗଲେ, ମ୍ୟାଚ୍ ସମୟରେ ଖଲୀଲଙ୍କ ବୋଲିଂ ସମୟରେ କୋହଲିଙ୍କୁ ଅସୁବିଧା ହେଉଥିବା ନଜର ଆସିଥିଲା। ପ୍ରଥମ ବଲ୍‌ରେ ୱିକେଟ ହରାଇବାରୁ ଅଳ୍ପକେ ସେ ବର୍ତ୍ତିଥିଲେ। ଉକ୍ତ ଓଭରର ତୃତୀୟ ବଲ୍ ବାଉନ୍ସର ଥିଲା। ପରେ ଖଲୀଲ ଫଲୋ ଥ୍ରୁ ସମୟରେ କୋହଲିଙ୍କ ନିକଟରେ ପହଞ୍ଚି ଯାଇଥିଲେ। ଉଭୟ କିଛି ସମୟ ପରସ୍ପରକୁ ରାଗରେ ଚାହିଁଥିଲେ। ଏଣୁ ଏହି ଘଟଣାକୁ ନେଇ କୋହଲି ଖଲୀଲଙ୍କୁ କିଛି କହିଥାଇପାରନ୍ତି ବୋଲି ପ୍ରଶଂସକ ଅନୁମାନ କରୁଛନ୍ତି।

କୋହଲିଙ୍କ ପାଇଁ ମ୍ୟାଚ୍‌ଟି ଭଲ ନ ଥିଲା। ସେ ୩୦ ବଲ୍ ଖେଳି ୩୧ ରନ୍ କରିଥିଲେ। ହେଲେ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ସେ ଜବରଦସ୍ତ ଇନିଂସ ଖେଳିଥିଲେ। କେକେଆର୍ ବିପକ୍ଷରେ ଅପରାଜିତ ଅର୍ଦ୍ଧଶତକ ମାରି ଦଳକୁ ଜିତାଇଥିଲେ।

# ଫାଇନାଲ ମୁକାବିଲାରେ ବୋଲର୍ ଏକାକି ନେଲେ ୧୧ ୱିକେଟ : ଇତିହାସ ରଚିଲା ଟିମ୍



**କାନ୍‌ବେରା**

ଦକ୍ଷିଣ ଅଷ୍ଟ୍ରେଲିଆ ଦଳ ସେଫିଲ୍ଡ ସିଲ୍ଡ ଟାଇଟଲ ଜିତି ଇତିହାସ ରଚିଛି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ କୁଇନ୍ସଲ୍ୟାଣ୍ଡକୁ ପରାସ୍ତ କରି ଦଳ ୨୯ ବର୍ଷ ପରେ ଟାଇଟଲ ଜିତିଛି। ଦକ୍ଷିଣ ଅଷ୍ଟ୍ରେଲିଆ ଟୁର୍ଣ୍ଣାମେଣ୍ଟ ଫାଇନାଲକୁ ୪ ୱିକେଟରେ ଜିତିଥିବା ବେଳେ ୧୧ ୱିକେଟ ନେଇଥିବା ବୋଲରଙ୍କୁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଫାଇନାଲରେ ୧୧ ୱିକେଟ ନେଇଥିବା ବୋଲରଙ୍କ ନାମ ବ୍ରେଣ୍ଡନ ଡଗେଟ। ୩୦ ବର୍ଷୀୟ ବ୍ରେଣ୍ଡନ ଜଣେ ଡାହାଣହାତୀ ଦ୍ରୁତ ବୋଲର ଏବଂ ଦକ୍ଷିଣ ଅଷ୍ଟ୍ରେଲିଆ ଦଳର ଖେଳାଳି।

ମ୍ୟାଚ୍‌ରେ କୁଇନ୍ସଲ୍ୟାଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। କିନ୍ତୁ ଦକ୍ଷିଣ ଅଷ୍ଟ୍ରେଲିୟ ବୋଲର ବ୍ରେଣ୍ଡନ ଡଗେଟଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ବିପର୍ଯ୍ୟୟ ଯୋଗୁ ସେମାନଙ୍କର ପ୍ରଥମ ଇନିଂସ ମାତ୍ର ୯୫ ରନରେ ଅଟକିଥିଲା। ବ୍ରେଣ୍ଡନ ଡଗେଟ ପ୍ରଥମ ଇନିଂସରେ ୬ ୱିକେଟ ନେଇଥିଲେ। ସେ ୧୧.୨ ଓଭରରେ ୩୧ ରନ ଦେଇ ଏହି ୱିକେଟ ନେଇଥିଲେ। କୁଇନ୍ସଲ୍ୟାଣ୍ଡକୁ ୯୫ ରନରେ ଅଲଆଉଟ କରିବା ପରେ, ଦକ୍ଷିଣ ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୨୭୧ ରନ କରିଥିଲା, ଯେଉଁଥିରେ ଜେକ ଲେହମ୍ୟାନଙ୍କ ଏକ ବଡ଼ ଶତକ ଥିଲା। ଲେହମାନ ମଧ୍ୟକ୍ରମରେ ୧୫୨ ବଲ ସାମ୍ନା କରି ୧୦୨ ରନ କରିଥିଲେ। ପ୍ରଥମ ଇନିଂସରେ ଦକ୍ଷିଣ ଅଷ୍ଟ୍ରେଲିଆ ୧୭୬ ରନର ଲିଡ୍ ପାଇଥିଲା।

ପ୍ରଥମ ଇନିଂସ ପରି କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ସମାନ ଭୁଲ କରି ନ ଥିଲା। ଏଥର ଦଳ ବଡ଼ ସ୍କୋର କରିଥିଲା। ଜ୍ୟାକ ଗ୍ଲିଟନ୍ ଏବଂ ଜ୍ୟାକ୍ ୱାଇଲ୍ଡରମୁଥଙ୍କ ଶତକ ବଳରେ କ୍ୱିନ୍ସଲ୍ୟାଣ୍ଡ ଦ୍ୱିତୀୟ ଇନିଂସରେ ୪୪୫ ରନ କରିଥିଲା । ଜ୍ୟାକ ଗ୍ଲିଟନ ୨୪୯ ବଲ ସାମ୍ନା କରି ୧୦୦ ରନ କରିଥିଲେ। ଯେତେବେଳେ ୱାଇଲ୍ଡରମୁଥ ୧୪୦ ବଲ ରେ ୧୧୧ ରନର ଇନିଂସ ଖେଳିଥିଲେ।

ଦକ୍ଷିଣ ଅଷ୍ଟ୍ରେଲିଆର ବୋଲର ବ୍ରେଣ୍ଡନ ଡଗେଟ ମଧ୍ୟ କ୍ୱିନ୍ସଲ୍ୟାଣ୍ଡର ଦ୍ୱିତୀୟ ଇନିଂସରେ ପ୍ରଭାବ ପକାଇବାରେ ସଫଳ ହୋଇଥିଲେ। ସେ ଏଥର ମଧ୍ୟ ୫ ୱିକେଟ ନେଇଥିଲେ। ଏହିପରି, ଫାଇନାଲ ମ୍ୟାଚ୍‌ର ଉଭୟ ଇନିଂସକୁ ମିଶାଇ, ଡଗେଟ ମୋଟ ୧୧ ୱିକେଟ ନେଇଥିଲେ।

ଏବେ ଦକ୍ଷିଣ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୭୬ ରନର ଲିଡ୍ ହାସଲ କରିସାରିଥିଲା। ଏପରି ପରିସ୍ଥିତିରେ ସେମାନଙ୍କ ସମ୍ମୁଖରେ ୨୭୦ ରନ ଲକ୍ଷ୍ୟ ଥିଲା। ଏହାକୁ ସେମାନେ ୬ ୱିକେଟ ହରାଇ ହାସଲ କରିଥିଲେ। ୪ ୱିକେଟରେ ବିଜୟ ସହିତ, ସେମାନେ ୨୯ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ସେଫିଲ୍ଡ ସିଲ୍ଡ ଟାଇଟଲ ହାସଲ କରିଥିଲେ। ଦକ୍ଷିଣ ଅଷ୍ଟ୍ରେଲିଆ ପାଇଁ, ଜେସନ ସାଙ୍ଘା ଦ୍ୱିତୀୟ ଇନିଂସରେ ୧୨୬ ରନ କରିଥିବା ବେଳେ ଆଲେକ୍ସ କେରି ୧୦୫ ରନ କରିଥିଲେ।

# ଆଇପିଏଲ୍ ୨୦୨୫ ପ୍ରଥମ ସପ୍ତାହରେ ଭ୍ୟୁରସିପ୍ ରେକର୍ଡ ଭାଙ୍ଗିଲା



**ନୂଆଦିଲ୍ଲୀ**

ଆଇପିଏଲ୍ ସିଜିନ ୧୮ ଚମତ୍କାର ଭାବରେ ଆରମ୍ଭ ହୋଇଛି। କେବଳ ଗୋଟିଏ ସପ୍ତାହ ମଧ୍ୟରେ ଆମେ ଅନେକ ରୋମାଞ୍ଚକର ମ୍ୟାଚ ଦେଖିଛୁ। ଏହି ମ୍ୟାଚ୍‌ଗୁଡ଼ିକରେ ଅନେକ ରେକର୍ଡ ହୋଇଛି ଏବଂ ଭାଙ୍ଗିଛି । କିନ୍ତୁ ଦର୍ଶକଙ୍କ ସଂଖ୍ୟା ଦୃଷ୍ଟିରୁ ମଧ୍ୟ ଗୋଟିଏ ରେକର୍ଡ ହୋଇଛି । ଟିଭି ଏବଂ ଜିଓହଟ୍‌ଷ୍ଟାରରେ ପ୍ରଥମ ସପ୍ତାହାନ୍ତର ୩ଟି ମ୍ୟାଚର ମୋଟ ୱାଚ୍ ଟାଇମ୍ ୫ ହଜାର କୋଟି ମିନିଟ ଥିଲା ଯାହା ଗତ ସିଜିନ ତୁଳନାରେ ୩୩ ପ୍ରତିଶତ ଅଧିକ।

ପ୍ରଥମ ୩ଟି ମ୍ୟାଚରେ ଷ୍ଟାର ସ୍ପୋର୍ଟସ ୨୫.୩ କୋଟି ଦର୍ଶକ ପାଇଛି । ଏହା ପ୍ରଥମ ଥର ଯେ କୌଣସି ଆଇପିଏଲ୍ ସିଜିନ ପ୍ରଥମ ସପ୍ତାହାନ୍ତରେ ଏତେ ଅଧିକ ଦର୍ଶକ ଦେଖିଛନ୍ତି । ଏଗୁଡ଼ିକରେ ମୋଟ ଦେଖିବା ସମୟ ୨,୭୭୦ ଥିଲା, ଯାହା ଗତ ବର୍ଷ ତୁଳନାରେ ୨୨ପ୍ରତିଶତ ଅଧିକ।

ଆଇପିଏଲ୍ ୨୦୨୫ କୋଲକାତା ନାଇଟ ରାଇଡର୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ ସହିତ ଆରମ୍ଭ ହୋଇଥିଲା। ଏହି ଉଦଘାଟନୀ ମ୍ୟାଚ ଶନିବାର, ୨୨ ମାର୍ଚ୍ଚରେ ଖେଳାଯାଇଥିଲା। ରବିବାର ୨ଟି ମ୍ୟାଚ ଥିଲା। ପ୍ରଥମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ମୁହାଁମୁହିଁ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଥିଲା ଚେନ୍ନାଇ ସୁପର କିଙ୍ଗ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ। ଏହି ୩ଟି ମ୍ୟାଚ ଜିଓହଟ୍‌ଷ୍ଟାରରେ ୧୩୭ କୋଟି ଭ୍ୟୁ ପାଇଛି । ଡିଜିଟାଲ ପ୍ଲାଟଫର୍ମରେ ମଧ୍ୟ, ଏହା ପ୍ରଥମ ଥର ଯେ ଆଇପିଏଲ ଏହାର ପ୍ରଥମ ସପ୍ତାହାନ୍ତରେ ଏତେ ଦର୍ଶକଙ୍କ ସଂଖ୍ୟା ଦେଖିଛି ଏହା ଗତ ବର୍ଷ ତୁଳନାରେ ୪୦ ପ୍ରତିଶତ ଅଧିକ। ଡିଜିଟାଲ ପ୍ଲାଟଫର୍ମର ୱାଚ ଟାଇମ ୨,୧୮୬ ଥିଲା।

# ପିଲାମାନଙ୍କ ମଧ୍ୟରେ ସଂସ୍କାର ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋକପାତ

**ରାଉରକେଲା : ନ୍ୟୁଜ୍ ବ୍ୟୁରୋ**

ମ୍ୟୁଜିକ ସର୍କଲ ରାଉରକେଲାର ୪୮ତମ ବସନ୍ତ ଉତ୍ସବ ତଥା ସ୍ପ୍ରିଙ୍ଗ ଭେଲି(ଓଡ଼ିଆ ଓ ଇଂରେଜୀ ମାଧ୍ୟମ) ନର୍ସରୀ ବିଦ୍ୟାଳୟର ୨୬ତମ ବାର୍ଷିକ ଉତ୍ସବ ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ମ୍ୟୁଜିକ ସର୍କଲ ସ୍ଥିତ ମେହେର ଭବନ ମଞ୍ଚରେ ଅନୁଷ୍ଠିତ। ଏହି ଉତ୍ସବକୁ ମୁଖ୍ୟ ଅତିଥି ଡିଏଭି ପବ୍ଲିକ ସ୍କୁଲର ଅଧ୍ୟକ୍ଷ ତଥା ଆଞ୍ଚଳିକ ନିର୍ଦ୍ଦେଶକ ଲୋକନାଥ ପ୍ରଧାନ, ମୁଖ୍ୟ ବକ୍ତା ଉଦିତ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶ୍ରୀ ଗାୟତ୍ରୀ ସେଠୀ ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ଉପଦେଷ୍ଟା ରାକେଶ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତା ସୁଶ୍ରୀ ସେଠୀ ତାଙ୍କ ଅଭିଭାଷଣରେ ଅଭିଭାବକ ମାନଙ୍କ ଗୁରୁଦାୟିତ୍ୱ ସମ୍ପର୍କରେ ଆଲୋଚନା କରି ପିଲାମାନଙ୍କ ମଧ୍ୟରେ ସଂସ୍କାର ତଥା ମୂଲ୍ୟବୋଧ ଏବଂ ପ୍ରକୃତି ପ୍ରତି ଦାୟିତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ନୂତନ ଶିକ୍ଷାନୀତି -୨୦୨୦ରେ 'ବାଲ ବାଟିକା' ଉପରେ ଦିଆଯାଇଥିବା ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି ମ୍ୟୁଜିକ ସର୍କଲର ସ୍ପ୍ରିଙ୍ଗ ଭେଲି ସ୍କୁଲ ଏହି ବାଲି ବାଟିକାର ଏକ ପ୍ରକୃଷ୍ଟ ଉଦାହରଣ ସଂଯୋଜନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, ବରିଷ୍ଠ ଶିକ୍ଷୟିତ୍ରୀ ଅନିନ୍ଦିତା ମାଇତି ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ନିଳେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା କାର୍ଯ୍ୟ ପରେ ବିଦ୍ୟାଳୟର କୁନି କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ - ସଂଗୀତ, ଭଜନ, ଦଳଗତ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ପରିବେଷଣ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସୁନିତା ସିଂ, ଗୁଡିଆ ସଂସାରୀ, ସୋନାଲି ଦାସ ଓ ରତୁ ରାୟ ବସନ୍ତ ଉତ୍ସବର ଏହି ଉଦ୍ଘାଟନୀ ପର୍ବର କାର୍ଯ୍ୟକ୍ରମକୁ ପରିଚାଳନା ସମିତିର କାର୍ଯ୍ୟକାରୀ ସଭାପତି ଅଭୟ କୁମାର ଦାସ, ସନ୍ତୋଷ କୁମାର ମଲ୍ଲିକ, ବିବେକାନନ୍ଦ ପଣ୍ଡା, ଡ. ସମର ମୁଦାଲି, ଲକ୍ଷ୍ମଣ ନାଥ ଦାସ, ସୁଶାନ୍ତ କୁମାର ନାୟକ, ତୁଳସୀ ବଲ୍ଲଭ ଦାସ, ଜେମା ମହାନନ୍ଦିଆ, ରମାକାନ୍ତ ମଲ୍ଲିକ ପ୍ରମୁଖ ସହାୟତା କରିଥିଲେ। ଏହି ସଭାରେ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ ତଥା ବିଭିନ୍ନ ଅନୁଷ୍ଠାନରପ୍ରତିନିଧି ଯୋଗଦେଇଥିଲେ।

# ବରିଷ୍ଠ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ ସମ୍ବର୍ଦ୍ଧିତ

**କଟକ : ନ୍ୟୁଜ୍ ବ୍ୟୁରୋ**

କଟକ ଓ ଭୁବନେଶ୍ୱର ଦୈତ୍ୟନଗରୀର ଅଗ୍ରଣୀ ତଥା ପ୍ରମୁଖ ସାହିତ୍ୟ, ସାଂସ୍କୃତିକ ପରିଷଦ କଳ୍ପନାପକ୍ଷରୁ ଅନ୍ତର୍ଜାତୀୟ, ଜାତୀୟ, ରାଜ୍ୟ ସ୍ତରୀୟ ସାଂସ୍କୃତିକ ମହୋତ୍ସବ-୨୦୨୫ର ସାରସ୍ୱତ ସମ୍ମାନ କଳିଙ୍ଗମୁକ୍ତା ସମ୍ମାନ ପର୍ବ ଭୁବନେଶ୍ୱରସ୍ଥ ଜୟଦେବ ଭବନରେ ଅନୁଷ୍ଠିତ । କାର୍ଯ୍ୟକ୍ରମରେ ଭାରତୀୟ ରେଳ ସେବାରୁ ସେବାନିବୃତ୍ତ ପ୍ରାକ୍ତନ ମୁଖ୍ୟରେଳ ପଣ୍ୟ ଅଧିକ୍ଷକ ଥାଇ ମଧ୍ୟ ରାଜ୍ୟର ନିର୍ଯାତିତ, ନିଷ୍ପେସିତ, ଅସହାୟ ଶ୍ରମିକମାନଙ୍କ ପାଇଁ ନିରବଛିନ୍ନ ସେବା ସହାୟତା ଯୋଗାଇ ଆସୁଥିବା ବରିଷ୍ଠ ରେଳ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ କଳିଙ୍ଗମୁକ୍ତାସମ୍ମାନ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ, ସମାଜସେବୀ ଶଶଧର ପଣ୍ଡା, ଗୋପାଳ ଚନ୍ଦ୍ର ଜେନା, ପଣ୍ଡିତ ଚୈତନ୍ୟ ରାଉତ, ବିପ୍ଳବ କୁମାର ବର, ସବିତା ରାଉତରାୟ, ଓଡିଶା ହାଇକୋର୍ଟର ପ୍ରାକ୍ତନ ଅଧ୍ୟକ୍ଷ କେଶବ ଚନ୍ଦ୍ର ରାଉତ ପ୍ରମୁଖ ବହୁ ବିଶିଷ୍ଟ ସଂସ୍କୃତିପ୍ରେମୀ, ବୁଦ୍ଧିଜିବୀ, ବରିଷ୍ଠ ନାଗରିକକାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଆଶ୍ରମ ବିଦ୍ୟାଳୟରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ

**ସେମିଲିଗୁଡା : ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ଉନ୍ନୀତ ଆଶ୍ରମ ବିଦ୍ୟାଳୟ ରାଜପଲୋମା ଠାରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସେମିଲିଗୁଡା ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟବିରିଆ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ରାମ ଅଣ୍ଟବିରିଆ, ରାଜ ପଲମା ପ୍ରଧାନ ସେବକ ବାସୁ ଦେବ ପୁରୋହିତ, ରାଜପଲମା ସରପଞ୍ଚ ମଧୁ ଜାନି, ପିଇଓ ସୁଜାତା ଖୁଣ୍ଟିୟା, ଏଡିଓ ସଂଗୀତା ସାହୁ, ଏସ ଏମ ଏଲ ଅଧ୍ୟକ୍ଷ ମିନିଯାନୀ, ରାଜ ପୁଟ ପ୍ରଧାନ ଶିକ୍ଷକ ସୋମନାଥ ପଣ୍ଡା, ଶିକ୍ଷୟତ୍ରୀ ସ୍ୱପ୍ନା ରାଣୀ ସାହୁ,ଆସିଷ୍ଟାଣ୍ଟ ଶିକ୍ଷୟତ୍ରୀ ସୁରେଖା ତୁରୁକ, ପ୍ରମୁଖ ମୌଁସୀନ ଥିଲେ, କାର୍ଯ୍ୟକ୍ରମ କୁ ଶୁଭାରମ୍ଭ ଅତିଥି ପରିଚୟ ପ୍ରଧାନ ଶିକ୍ଷକ ରାଜ ପଲମାର ବାସୁଦେବ ପୁରୋହିତଙ୍କ ଦ୍ୱାରା ସ୍ୱାଗତ ଭାଷଣ ଦେଇଥିଲେ। ଆଶ୍ରମ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ଗାନ କରିଥିଲେ, ମୁଖ୍ୟ ଅତିଥି




ଓ ସ୍ୱତନ୍ତ୍ର ଅତିଥିମାନେ ସ୍କୁଲର ଛାତ୍ରୀମନଙ୍କୁ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଉପରେ କିପରି ଛାତ୍ରୀ ମାନେ ସୁରକ୍ଷିତ ରହିବେ ଏବଂ ନିଜର ଉନ୍ନତି, ଶିକ୍ଷା ଦେଶର ମେରୁ ଦଣ୍ଡ ବୋଲି କହି ବୁଝାଇବା ସହ ଅଭିଭାଭୋକଙ୍କୁ କିପରି ନିଜ ପିଲାଙ୍କୁ ସୁରକ୍ଷା ଦେଇ ଗଢିବେ ଏବଂ ଉନ୍ନୋତ ମାନର ଶିକ୍ଷା ସୁରକ୍ଷା ଉପରେ ପ୍ରତିକ୍ରିୟା ରଖିଥିଲେ, ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀମାନେ ବିଦାୟ ନେବା ଅବସରରେ ସେମାନଙ୍କୁ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ଉପହାର ଦେଇ ସମ୍ମାନିତ କରିଥିଲେ ମୁଖ୍ୟ ଅତିଥି ମାନେ। ପରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ନିଜ କଳା ପ୍ରଦର୍ଶନି କରି ରାଜପଲମା ପଞ୍ଚାୟତ ବାସୀଙ୍କୁ ମନମୁଗ୍ଧ କରିଥିଲେ। ଏଇ ଅବସରରେ ପଞ୍ଚାୟତର ବୋହୁସଂଖ୍ୟାରେ ଅଭିଭାବକ ଯୋଗ ଦେଇଥିଲେ।

# ରାୟଗଡା ଓକିଲ ସଂଘର ନିର୍ବାଚନ
## ସଭାପତି ହେଲେ ଦେବି ପ୍ରସାଦ ପଟ୍ଟନାୟକ

**ରାୟଗଡା : ନ୍ୟୁଜ୍ ବ୍ୟୁରୋ**

ରାୟଗଡା ଓକିଲ ସଙ୍ଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ସକାଳ ୮ ଟାରୁ ଭୋଟ ଗ୍ରହଣ ପ୍ରକ୍ରିୟା ଚାଲିଥିଲା। ଶେଷରେ ଫଳା ଫଳ ଘୋଷଣ ହେଲା । ସମୁଦାୟ ୧୦୭ ଖଣ୍ଡ ଭୋଟ ପାଇ ଦେବି ପଟନାୟକ ହେଲେ ସଭାପତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିରଜା ପ୍ରସାଦ ପାତ୍ର । ସମୁଦାୟ ୮୪ ଭୋଟ ପାଇ ପରାଜୟ ହୋଇଛନ୍ତି । ଉପ ସଭାପତି ଭାବେ ସୁରେନ୍ଦ୍ର କୁମାର ଶର୍ମା ୧୦୧ ଭୋଟ ପାଇ ବିଜୟ ଲାଭ କରିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ସୁଶାନ୍ତ ଖୋସଲା ୯୧ ଭୋଟ ପାଇଛନ୍ତି । ସେହିପରି ସମ୍ପାଦକ ଭାବେ ମଙ୍ଗଳ ମୂର୍ତ୍ତି ବେଉରିଆ ୧୦୨ ଖଣ୍ଡ ଭୋଟ ପାଇ ବିଜୟ ହାସଲ କରିଥିବା ବେଳେ ପ୍ରତିଦ୍ୱନ୍ଦ୍ୱୀ ନବ କୁମାର କଣ୍ଟା ୮୮ ଖଣ୍ଡ ଭୋଟ ପାଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ଏସ ଶଙ୍କର ରାଓ ଦୋରା ୧୪୦ ଖଣ୍ଡ ଭୋଟ ପାଇ ବିଜୟ ହାସଲ କରିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜ୍ଞାନନ୍ଦ୍ର ମଲିକ ୫୦ ଖଣ୍ଡ ଭୋଟ ପାଇଛନ୍ତି କୋଷାଧ୍ୟକ୍ଷ ଭାବେ । ମୋହନ ନାୟକ ୧୨୮ ଖଣ୍ଡ ଭୋଟ ପାଇ ବିଜୟ ହୋଇଛନ୍ତି । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କୃଷ୍ଣ ଦାସ ୬୩ ଖଣ୍ଡ ଭୋଟ ପାଇଛନ୍ତି ।

# ମାପ ଓଜନ ସଂସ୍ଥା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଚଢ଼ଉ

**ଜଗତସିଂହପୁର : ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ବଜାରରେ ଥିବା ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନ ଉପରେ ଏକ ମିଳିତ ଚଢଉ ହୋଇଥିଲା। ଏଥିରେ ମାପ ଓଜନ ସଂସ୍ଥା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ପୋଲିସ ର ଅଧିକାରୀ ମାନେ ଯୋଗ ଦେଇଥିଲେ। ମାପ ଓଜନ ବିଭାଗର ଯୁଗ୍ମ ନିୟନ୍ତ୍ରକଙ୍କ ଅଧ୍ୟକ୍ଷତାରେ ଜଗତସିଂହପୁର ବଜାର ରେ ପେଟ୍ରୋଲ ପମ୍ପ, ଗ୍ୟାସ ଡିଲର ଓ ମାଛ ଦୋକାନ ଆଦି ଯାଞ୍ଚ କରାଯାଇଥିଲା। ମାପ ଓଜନ ନିୟମ



ଉଲଂଘନ କରିଥିବା ୫ଟି ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଆଇନ ଅନୁଯାୟୀ ଜୋରିମାନା ବାବଦକୁ ୨୬,୬୦୦ ଟଙ୍କା ଆଦାୟ କରାଯାଇଥିଲା। ଜଗତସିଂହପୁର ଜିଲ୍ଲାର ବିଭିନ୍ନ ବ୍ଲକ ଓ ତହସିଲ ଅଞ୍ଚଳରେ ଅନେକ ଏହିଭଳି ଅନେକ ଅସାଧୁ ବ୍ୟବସାୟ ପ୍ରତିଷ୍ଠାନମାନ ରହିଛି। ସେମାନଙ୍କ ପ୍ରତି କେବେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ଦେଖିବାକୁ ବାକି ରହିଲା।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଉତ୍ସବ

**ଜଗତସିଂହପୁର : ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ସଦରସ୍ଥିତ ଆଦିକବି ସାରଳାଦାସ ସଂସ୍କୃତି ଭବନ ପରିସରରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ବାଇଶିମୌଜା ମହାବିଦ୍ୟାଳୟ ପ୍ରିନସିପାଲ ବିଭୁ ଦତ୍ତ ପ୍ରଧାନ, ନାବାର୍ଡର ଏ ଜିଏମ ବିଶ୍ୱ ଭୂଷଣ ମହାନ୍ତି, ଜଗତସିଂହପୁର ସିଡିଏଓ ରାଖାଲ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶମା ରାଣୀ ସିଂ,



ଓମ୍ଫେଡର ଜି ଏମ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦ୍ୱୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଦେଶାତ୍ମକବୋଧ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଜଗତସିଂହପୁର ବିଭାଜନ ସମବାୟ ସମିତି ଉପ ନିବନ୍ଧକ ପ୍ରଭାତ କୁମାର ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଏହି କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ମାନେ ସମବାୟକୁ ସମୃଦ୍ଧ କରିବାରେ ମହିଳା ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । ମହିଳା ମାନଙ୍କୁ ସଶକ୍ତ କରିବାରେ ସମବାୟର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସୋସାଇଟି ନିୟମ ଅଧୀନରେ ଆଣି ସେମାନଙ୍କୁ ସ୍ୱାବଲମ୍ବୀ କରିବା ହେଉଛି ସମବାୟର ଭୂମିକା ଉପସ୍ଥିତ ଅତିଥି ମାନେ ସମବାୟ ସମିତି ଋଣ ସମ୍ପର୍କିତ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜଗତସିଂହପୁର ବଜାର ନିୟନ୍ତ୍ରଣ ସମ୍ପାଦକ ସୂର୍ଯ୍ୟକାନ୍ତ ଦାସ, ଏଆରସିଏସର ବିବେକାନନ୍ଦ ବେହେରା ଓ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ଜିଲ୍ଲାର ସମସ୍ତ ସମବାୟ ସମିତିର ସମ୍ପାଦକ ଓ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।



# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଆଗାମୀ ୫ବର୍ଷରେ ...

ସେଚ ସାମର୍ଥ୍ୟ ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଗତ କିଛି ବର୍ଷ ହେଲା ଓଡ଼ିଶା ସଂପୂର୍ଣ୍ଣ କୃଷି ଭିତ୍ତିକ ଅର୍ଥନୀତିରୁ ଏକ ମିଶ୍ରିତ ଅର୍ଥନୀତି ଆଡକୁ ଅଗ୍ରସର ହେଉଛି କିନ୍ତୁ ବିଗତ ଦିନରେ ଭୁଲ୍ ନୀତି ଯୋଗୁ ଏହି ଲକ୍ଷ୍ୟରେ ବିଶେଷ ଅଗ୍ରଗତି ହୋଇନାହିଁ। ମୁଖ୍ୟମନ୍ତ୍ରୀ କହିଥିଲେ ଉତ୍କର୍ଷ ଓଡ଼ିଶା-୨୦୨୫ରେ ରେକର୍ଡ ସଂଖ୍ୟକ ଏମ୍ଓୟୁ ସ୍ୱାକ୍ଷରିତ ହେବା ସହିତ ପ୍ରାୟ ୧୬ଲକ୍ଷ ୭୩ ହଜାର କୋଟି ଟଙ୍କାର ନିବେଶ ପାଇଁ ୫୯୩ଟି ପ୍ରସ୍ତାବ ମିଳିଥିଲା ଏବଂ ଏହି ପ୍ରକଳ୍ପ ହେଲେ ପ୍ରାୟ ୧୩ ଲକ୍ଷରୁ ଅଧିକ ରୋଜଗାର ସୃଷ୍ଟି ହେବ ବୋଲି ଆକଳନ କରାଯାଇଥିବା କହିଥିଲେ। ସରକାରଙ୍କ ପଦକ୍ଷେପ ଫଳରେ ୪୦ଟି ମଧ୍ୟମ ଓ ବୃହତ ଶିଳ୍ପ ପ୍ରତିଷ୍ଠାକୁ ସବୁଜ ସଙ୍କେତ ଦିଆଯାଇଛି। ଆଗାମୀ ୫ବର୍ଷ ମଧ୍ୟରେ ଓଡ଼ିଶା ପୂର୍ବ ଭାରତର ଶିଳ୍ପ ରାଜଧାନୀ ହେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ପ୍ରତି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖାଯାଇଥିବା କହିଥିଲେ। ସେହିପରି ୨୦୨୯-୩୦ ମସିହା ସୁଦ୍ଧା ରାଜ୍ୟ ସଡ଼କ ନୀତି ଅନୁସାରେ ୭୫ ହଜାର କିଲୋମିଟର ବିଶ୍ୱସ୍ତରୀୟ ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସହର ଭିତ୍ତିକ ଅଭିବୃଦ୍ଧି ପାଇଁ ୪୦୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ଭୁବନେଶ୍ୱର-କଟକ-ପୁରୀ, ସମ୍ବଲପୁର-ଝାରସୁଗୁଡା-ବରଗଡ-ଜୟପୁର-ସୁନାବେଡା-କୋରାପୁଟ, ଛତ୍ରପୁର-ବ୍ରହ୍ମପୁର-ଗୋପାଳପୁର, କେନ୍ଦୁଝର-ବଡବିଲ-ଯୋଡା ଆଦି ବିଭିନ୍ନ ଅର୍ଥନୈତିକ ଅଞ୍ଚଳର ବିକାଶ ଏହି ଯୋଜନା ମାଧ୍ୟମରେ କରାଇବା ନିମନ୍ତେ ଏକ ନୂତନ ଯୋଜନା ମୁଖ୍ୟମନ୍ତ୍ରୀ ସହର ବିକାଶ ଯୋଜନା ଅଧୀନରେ ଏକ ହଜାର ଏକ ଶହ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧ୍ୟମରେ ୨୭ ହଜାର ସୁଲଭ ଗୃହ ନିର୍ମାଣ ପାଇଁ ୭୯୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସେ କହିଥିଲେ ଯେ, ରାଜ୍ୟ ସରକାର ଶିକ୍ଷାର ମାନ ବୃଦ୍ଧି ସହିତ ଗ୍ରାମପଞ୍ଚାୟତସ୍ତରରେ ପ୍ରାୟ ୭ ହଜାର ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା ପରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ଗୁଣାତ୍ମକ ଶିକ୍ଷା ପାଇଁ ସାହାଯ୍ୟ କରିବ। ଚଳିତ ବର୍ଷ ପାଇଁ ୨୯୬୦ କୋଟି ଟଙ୍କା ବ୍ୟୟ ବରାଦର ପ୍ରସ୍ତାବ ରହିଛି। ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା ନାମକ ନୂତନ ଯୋଜନାରେ ଆବାସିକ ବିଦ୍ୟାଳୟଗୁଡିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ ଏକ ଶହ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ ହେଉଛି। ସାର୍ବଜନିନ ସ୍ୱାସ୍ଥ୍ୟସେବା ପାଇଁ ୨୩ ହଜାର ୬୩୫ କୋଟିର ପ୍ରସ୍ତାବ ରଖାଯାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ବିଗତ ସରକାର ବିଭିନ୍ନ ବିଭାଗରେ ଖାଲି ପଡିଥିବା ପଦବୀ ପୂରଣ କରିବା କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରିନଥିଲେ ଯାହା ଫଳରେ ଲକ୍ଷାଧିକ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଥିଲା। ବର୍ତ୍ତମାନର ନୂଆ ସରକାର ୧୦ମାସ ଭିତରେ ୮ଟି ନିଯୁକ୍ତି ମେଳା ମାଧ୍ୟମରେ ୨୬ ହଜାରରୁ ଅଧିକ ନିଯୁକ୍ତି ଦେଇଛନ୍ତି। ଆଦିବାସୀ ବର୍ଗଙ୍କ କଲ୍ୟାଣ ପାଇଁ ଅଧିକ କାମ କରିଥିବା କଥା କହୁଥିବା ବିଗତ ସରକାରଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଥିଲେ ବିଗତ ୧୦ବର୍ଷରେ ଆଦିବାସୀ ଉପଦେଷ୍ଟା କମିଟି ବୈଠକ ମାତ୍ର ୩ ଥର ହୋଇଛି। ସେହିପରି କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଆଦିବାସୀଙ୍କ ଜମି ହଡପ କରିବା ଉଦ୍ଦେଶ୍ୟରେ ବିଗତ ସରକାରଙ୍କ ଅମଳରେ ଟିଏସି ବୈଠକରେ ସୁପାରିଶ କରିଥିଲେ ଯାହାକୁ ସେତେବେଳର କ୍ୟାବିନେଟ୍ ମୋହର ଲଗାଇଥିଲା। ତେବେ ସେତେବେଳର ବିରୋଧୀ ଦଳରେ ଥିବା ବିଜେପିର ଦୃଢ ବିରୋଧ ଯୋଗୁ ପରବର୍ତ୍ତୀ ସମୟରେ ତତ୍କାଳୀନ ସରକାର ତାଙ୍କ ନିଷ୍ପତ୍ତିକୁ ପ୍ରତ୍ୟାହାର କରିଥିଲେ ଏବଂ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମଧ୍ୟ ଆଦିବାସୀଙ୍କ ଜମି ଅଣଆଦିବାସୀ କିଣିବା ସଂକ୍ରାନ୍ତ ନିଷ୍ପତ୍ତିରୁ କ୍ୟାବିନେଟ୍ ରୋଲ୍ ବ୍ୟାକ୍ କରିଥିବା କହିଥିଲେ। ଏଥିରୁ ଜଣାପଡୁଛି ଗତ ସରକାରଙ୍କ ଆଦିବାସୀ ପ୍ରୀତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଆଗାମୀ ଦିନରେ ସବୁ ଜିଲ୍ଲାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା କ୍ଷେତ୍ରରେ ନୂଆ ମେଡିକାଲ୍ କଲେଜ ପ୍ରତିଷ୍ଠା କରିବା ପାଇଁ ଯୋଜନା ରହିଛି। ଚଳିତ ବର୍ଷ ଭଦ୍ରକ, ଜଗତସିଂହପୁର, ନବରଙ୍ଗପୁର ଓ ଢେଙ୍କାନାଳ ଜିଲ୍ଲାରେ ମେଡିକାଲ୍ କଲେଜ ପ୍ରତିଷ୍ଠା ହେବ। ଏହା ସହିତ ରାଜ୍ୟରେ ଆଉ ୪ଟି ଡେଣ୍ଟାଲ କଲେଜ ଖୋଲାଯିବ। ମହିଳା ନିର୍ଯାତନା ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଏଥିପାଇଁ ଚିତ୍କାର କରୁଥିବା ବିରୋଧୀ ଦଳକୁ ବିଶେଷକରି କଂଗ୍ରେସର ଆଭିମୁଖ୍ୟକୁ ଦୃଢ ଭାବେ ନିନ୍ଦା କରିଥିଲେ। ଦୁର୍ନୀତି ବିରୋଧରେ ବର୍ତ୍ତମାନ ସରକାରଙ୍କ କଠୋର ଆଭିମୁଖ୍ୟ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେଉଁମାନେ ଏପରି କାର୍ଯ୍ୟରେ ଲିପ୍ତ ରହିବେ ସେମାନଙ୍କୁ ଫଳ ଭୋଗିବାକୁ ପଡିବ। ବିକାଶ ମୂଳକ କାମରେ ସ୍ୱଚ୍ଛ ଓ ପାରଦର୍ଶୀ ଭାବେ ବଜେଟ୍ ଅର୍ଥ ଖର୍ଚ୍ଚ ହେବ। ଦୁର୍ନୀତିର କଳା ଛାୟା ଏହା ଉପରେ ପଡିବାକୁ ଦେବୁ ନାହିଁ। ପ୍ରଥମ ସୋପାନ ଭାବେ ପୂର୍ତ୍ତ ବିଭାଗ ଦ୍ୱାରା ଏଥିପାଇଁ ଏକ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଅନ୍ୟ ବିଭାଗରେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ପରେ ବ୍ୟୟମଞ୍ଜୁରୀ ବିଲ୍ ଗୃହୀତ ହୋଇଥିଲା। ପୂର୍ବରୁ ଏହି ଆଲୋଚନାରେ ବିଧାୟକ ସର୍ବଶ୍ରୀ ଡ. ଅରୁଣ ସାହୁ, ଟଙ୍କଧର ତ୍ରିପାଠୀ, ନିରଞ୍ଜନ ପୂଜାରୀ, ସିଦ୍ଧାନ୍ତ ମହାପାତ୍ର, ଅରବିନ୍ଦ ମହାପାତ୍ର, ସନ୍ତୋଷ ଖଟୁଆ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବାବୁ ସିଂ, ଗୌତମ ବୁଦ୍ଧ ଦାସ, ଇରାଶିଷ ଆଚାର୍ଯ୍ୟ, ଗଣେଶ୍ୱର ବେହେରା, ଦୁଷ୍ମନ୍ତ ସ୍ୱାଇଁ, ସୁନୀଲ ମିଶ୍ର, ପ୍ରକାଶ ଚନ୍ଦ୍ର ସେଠୀ, ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ସୀମାରାଣୀ ନାୟକ ପ୍ରମୁଖ ଭାଗ ନେଇଥିଲେ।

## ମାଲକାନଗିରି ...

ପ୍ରକାଶ ଥାଉକି ଚଳିତ ବର୍ଷ ଏନକାଉଣ୍ଟରରେ ୧୦୦ ରୁ ଊର୍ଦ୍ଧ୍ୱ ନକ୍ସଲ ନିହତ ହୋଇସାରିଲେଣି। ଦୁଇ ଶହରୁ ଊର୍ଦ୍ଧ୍ୱ ନକ୍ସଲ ଆତ୍ମସମର୍ପଣ କରିସାରିଲେଣି।

## ଭିଆରଏସ୍ ନେଲେ ...

ସୁଜାତା ହେଉଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍କାଳୀନ ବ୍ୟକ୍ତିଗତ ସଚିବ କାର୍ତ୍ତିକେୟନ ପାଣ୍ଡିଆନଙ୍କ ସ୍ତ୍ରୀ। ଦୀର୍ଘ ୬ମାସ ସେ ତାଙ୍କ ଝିଅର ୧୦ମ ପାଠପଢା ଲାଗି ଛୁଟିରେ ରହିବା ପରେ କିଛିଦିନ ତଳେ ସେ କାର୍ଯ୍ୟରେ ଯୋଗ ଦେଇଥିଲେ। ସେ ଆହୁରି ଅଧିକ ଦିନ ଛୁଟି ଆବେଦନ କରିଥିଲେ ମଧ୍ୟ ବିଜେପି ସରକାର ତାଙ୍କ ଆବେଦନକୁ ଖାରଜ କରିଥିଲେ। ଏହାପରେ ସେ ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ।

୨୦୨୪ ନିର୍ବାଚନରେ ବିଜେଡି କ୍ଷମତା ହରାଇବା ପରେ ସୁଜାତା ଛଅ ମାସର ଛୁଟିରେ ଥିଲେ। ନଭେମ୍ବର ୨୬, ୨୦୨୪ ପର୍ଯ୍ୟନ୍ତ ତାଙ୍କୁ ଛୁଟି ମଞ୍ଜୁର କରାଯାଇଥିଲା। କିନ୍ତୁ ତାଙ୍କ ଆବେଦନ ଅନୁସାରେ ଆଉ ଛଅ ମାସର ଛୁଟି ବୃଦ୍ଧି ପାଇଁ ଓଡ଼ିଶାର ବିଜେପି ସରକାର ଅନୁମତି ଦେଇ ନଥିଲେ। ଏହାପରେ ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିବା ରିପୋର୍ଟ ପ୍ରକାଶ ପାଇଛି, ଯାହାକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେଇଛନ୍ତି। ଏହି ନିଷ୍ପତ୍ତି ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଛି।

## ୨୪ ଜିଲ୍ଲାରେ ...

ଧାରା- ୧୬ଏ(ଓ)ରେ ବର୍ଣ୍ଣିତ ବ୍ୟବସ୍ଥାନୁଯାୟୀ ମୋଟ୍ ୯୭୪ ଗୋଟି ବେଆଇନ ଅବରୋଧ ମୋକଦ୍ଦମା ସମ୍ପୃକ୍ତ ତହସିଲଦାରଙ୍କ ଇଜିଲାସରେ ଦାଏର କରାଯାଇଅଛି ।

ଆଇନ୍ ମନ୍ତ୍ରୀ କହିଥିଲେ ଯେ, ଶ୍ରୀଜଗନ୍ନାଥଙ୍କ ଜମି ବିବାଦକୁ ନେଇ ଆସନ୍ତା ତିନି ମାସ ମଧ୍ୟରେ ରାଜ୍ୟ ସରକାର ନୂଆ ୟୁନିଫର୍ମ ଲ୍ୟାଣ୍ଡ ପିଲିସି ଆଣିବାକୁ ଯାଉଛନ୍ତି । ରାଜ୍ୟବ୍ୟାପୀ ଜଗନ୍ନାଥଙ୍କ ଜମି ବିବାଦ ଦୁଇ ବର୍ଷ ମଧ୍ୟରେ ତୁଟିବ । ମହାପ୍ରଭୁଙ୍କ ଜମି ସମ୍ପର୍କରେ ଏକ ପ୍ରଶ୍ନ ଉପରେ ଆଲୋଚନା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ ଯେଉଁମାନେ ଅଧିକ ବର୍ଷ ଜଗନ୍ନାଥଙ୍କ ଜମି ଦଖଲ କରି ଭୋଗ କରୁଥିବେ ତାଙ୍କୁ ୧୦୦ ଡ଼ିସିମିଲ ଜାଗା ରିହାତି ଦରରେ ରାଜ୍ୟ ସରକାର ଯୋଗାଇ ଦେବେ । ଅନ୍ୟ ଜମି ଉପରେ ବେଞ୍ଚ ମାର୍କ ମୂଲ୍ୟ ଉପରେ ଅର୍ଥ ଆଦାୟ କରାଯିବ ।

ସେ କହିଛନ୍ତି ଯେ କୋରାପୁଟରେ ୨୭ ହାଜର ୪୧୦ ଏକର ଜଗନ୍ନାଥ ଜମି ଚିହ୍ନଟ ହୋଇଛି । କୋରାପୁଟ ଜିଲ୍ଲାରେ ଜଗନ୍ନାଥ ଜମି ଯେଉଁଠି ଜବର ଦଖଲ ହୋଇଥିଲା ତାକୁ ଜବର ଦଖଲ ମୁକ୍ତ କରାଯାଇଛି ।

## ୫ ବର୍ଷରେ...

ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପରିପୂରକ ପୁଷ୍ଟିକର ଯୋଜନା ଅଧୀନରେ, ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜିକୃତ ୬ ମାସରୁ ୬ ବର୍ଷ ବୟସର ପିଲାମାନେ ପ୍ରତି ମାସରେ ୨୫ ଦିନ ପାଇଁ ପୁଷ୍ଟିକର ଖାଦ୍ୟ ପାଆନ୍ତି, ଯାହା ବର୍ଷକୁ ମୋଟ ୩୦୦ଦିନ ହୋଇଥାଏ।

୬ ମାସରୁ ୩ ବର୍ଷ ବୟସର ପିଲାମାନଙ୍କୁ ଛତୁଆ, ଅଣ୍ଡା, ଲଡୁ ଏବଂ ଶୁଖିଲା ରାସନ ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ଦିଆଯାଇଥାଏ। ଯେଉଁ ପିଲାମାନେ ଅଣ୍ଡା ଖାଆନ୍ତି ନାହିଁ, ସେମାନଙ୍କ ପାଇଁ ଅତିରିକ୍ତ ଲଡୁ ଯୋଗାଇ ଦିଆଯାଏ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ୩ ରୁ ୬ ବର୍ଷ ବୟସର ପିଲାମାନଙ୍କୁ ଗରମ ରନ୍ଧା ଖାଦ୍ୟ ଦିଆଯାଇଥାଏ।

ଏହା ସହିତ, ସରକାର ଗୁରୁତର ଭାବରେ କୁପୋଷଣ (ଏସଏଏମ) ପିଲାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣା ପୁଷ୍ଟି ଯୋଜନା (ଏମଏସପିୱାଇ) କାର୍ଯ୍ୟକାରୀ କରିଛନ୍ତି ୬ ମାସରୁ ୫ ବର୍ଷ ବୟସର ପିଲାମାନଙ୍କୁ ୧୧୨ ନିରନ୍ତର ଦିନ ପାଇଁ ପ୍ରତିଦିନ ୧୦୦ଗ୍ରାମ ଛତୁଆ ଏବଂ ଗୋଟିଏ ଅଣ୍ଡା ଦିଆଯାଏ। ଏହା ସହିତ, ଅତ୍ୟଧିକ କମ ଓଜନ (ଏସୟୁଡବ୍ଲୁ) ଏବଂ ମଧ୍ୟମ ତୀବ୍ର କୁପୋଷଣ (ଏମଏଏମ) ପିଲାମାନଙ୍କୁ ନିରନ୍ତର ୭୫ଦିନ ପାଇଁ ପ୍ରତିଦିନ ବେସନ ମିଶ୍ରଣ, କଦଳୀ ଏବଂ ଅଣ୍ଡା ଯୋଗାଇ ଦିଆଯାଇଥାଏ ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ।

## ପଶ୍ଚିମ ଓଡ଼ିଶାରେ...

୪୦.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଉରକେଲା ୩୮.୮ ଡିଗ୍ରୀ ରେକର୍ଡ ହୋଇଛି । ସେହିପରି ଭୁବନେଶ୍ୱରରେ ତାପମାତ୍ରା ୩୮ ଡିଗ୍ରୀ ରହିଥିବା ବେଳେ କେନ୍ଦୁଝର ୩୭.୮ ଡିଗ୍ରୀ ଏବଂ ଚାନ୍ଦବାଲିରେ ୩୭.୬ ଡିଗ୍ରୀ ରେକର୍ଡ କରାଯାଇଛି। ସୂଚନା ଯୋଗ୍ୟ, ଆସନ୍ତା ୩ଦିନ ହିଟ୍‌ୱେଭ୍ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଉଭୟ ଦିନ ଓ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବନୁମାନ କରାଯାଇଛି।

## କନ୍ଧମାଳ ମାଟି ...

ଜିଲ୍ଲାରେ ଅନେକ ସୁନା ଗଚ୍ଛିତ ଥିବା ସୂଚନା ମିଳିଛି। ଅନ୍ୟପଟେ ବୌଦ୍ଧ ଜିଲ୍ଲାରେ ମହାନଦୀ ବାଲିରୁ ମଧ୍ୟ ସୁନା ଓ ହୀରା ଉତ୍ତୋଳନ କରାଯାଉଛି। ତେବେ ଏହା ବେଆଇନ ଭାବେ କରାଯାଉଥିବାରୁ ଖଣି ବିଭାଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି । କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ, ଗୋଛାପଡ଼ା ଦେଇ ସମ୍ବଲପୁର ପର୍ଯ୍ୟନ୍ତ କୋଇଲା ଗଚ୍ଛିତ ଥିବା ନେଇ ଜିଓଲୋଜିକାଲ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ନିକଟରେ ଖଣି ବିଭାଗର ଭୂତ□ ଶାଖା ପକ୍ଷରୁ ଓର୍ସାକ (ଓଡ଼ିଶା ସ୍ପେସ ଆପ୍ଲିକେସନ ସେଣ୍ଟର୍) ଦ୍ୱାରା କନ୍ଧମାଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ଡିଜିପିଏ (ଡିଫରେନ୍ସିଆଲ ଗ୍ଲୋବାଲ ପୋଜିସନିଂ ସିଷ୍ଟମ୍) ସର୍ଭେ କରାଯାଇଥିଲା। ଏଥିରୁ ଜିଲ୍ଲାର କେଉଁ ସ୍ଥାନରେ କେଉଁ କେଉଁ ଖଣିଜ ପଦାର୍ଥ କେତେ ପରିମାଣରେ ଗଚ୍ଛିତ ରହିଛି, ତାହା ଉପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଛି।

# ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିଯୁକ୍ତି ଚୁକ୍ତି ଭିତିକ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ୨୯ ଜିଲ୍ଲାରେ ଚୁକ୍ତିଭିତିକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିଯୁକ୍ତି ପାଇଛନ୍ତି । କେନ୍ଦୁଝର ଜିଲ୍ଲାରେ ଶିଶୁ ସୁରକ୍ଷା ଅଧିକାରୀ ପଦବୀଟି ଖାଲି ପଡିଥିବାବେଳେ କୋରାପୁଟ ଜିଲ୍ଲା ଶିଶୁଙ୍କ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଂଚିଛି ଏବଂ ନୂଆପଡା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ବିରୁଦ୍ଧରେ ପ୍ରାପ୍ତ ଅଭିଯୋଗ ବିଚାରାଧିନ ରହିଛି । ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ଏହି ସୂଚନା ଦେଇଛନ୍ତି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା । ମନ୍ତ୍ରୀ ତାଙ୍କ ଉତରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ମୋଟ ୨୯ଜଣ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟରତ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୭ଜଣ ଚୁକ୍ତିଭିତିକ ନିଯୁକ୍ତି ପାଇଛନ୍ତି। ୨୦୧୩ ମସିହାରେ ୨୨ଜଣ, ୨୦୧୯ ମସିହାରେ ୩ଜଣ ନିଯୁକ୍ତ ହୋଇଛନ୍ତି । ଏହାଛଡା ୨୦୨୫ ମସିହାରେ ଆଉଟସୋର୍ସିଂ ଜରିଆରେ ୨ଜଣ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିଯୁକ୍ତ ହୋଇଛନ୍ତି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ କୋରାପୁଟ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରାପ୍ତ ହୋଇଛି । ତାଙ୍କ ବିରୁଦ୍ଧରେ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀମାନଙ୍କୁ ନିର୍ଯ୍ୟାତନା ଦେବା ଏବଂ ମାନସିକ ଚାପ ପକାଇବାର ଅଭିଯୋଗ ଆସିଛି । ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସତ୍ୟାସତ୍ୟ ଜଣାଇବାପାଇଁ ଗତବର୍ଷ ଡିସେମ୍ବର ୧୦ତାରିଖରେ କୋରାପୁଟ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି ।


**କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ**
ସଂସଦର ଅଧିନିୟମ ଦ୍ୱାରା ସ୍ଥାପିତ
(ପୂର୍ବରେ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ, ଶିକ୍ଷାମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧିନ)
56-57, ସଂସ୍ଥାନିକ କ୍ଷେତ୍ର, ଜନକପୁରୀ, ନୂଆଦିଲ୍ଲୀ-110058
ଫୋନ ନଂ.-011-28524993,28524995, 28520979, 28520966
ୱେବ୍ ସାଇଟ୍- www.sanskrit.nic.in

A++ NAAC

ଅଧିସୂଚନା ସଂଖ୍ୟା-କେ.ସଂ.ବି./36014/ ବିଜ୍ଞାପନ/ଯୋଜନା-1/2025-26/01 ତା-25-3-2025

**ସଂସ୍କୃତ ସମ୍ବର୍ଦ୍ଧନ ଯୋଜନା ଅନ୍ତର୍ଗତ ଆର୍ଥିକ ବର୍ଷ 2025-26 ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ନିମନ୍ତେ ଅନ୍‌ଲାଇନ୍ ଆବେଦନପତ୍ର ଆମନ୍ତ୍ରିତ କରାଯାଉଛି**

ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସଂଚାରିତ ସଂସ୍କୃତ ସମ୍ବର୍ଦ୍ଧନର କେନ୍ଦ୍ରୀୟ ଯୋଜନା କ୍ରିୟାନ୍ୱୟନ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ଦ୍ୱାରା କରାଯାଉଛି। ତଦନୁସାରେ ସଂସ୍କୃତର ସମ୍ବର୍ଦ୍ଧନା ହେତୁ ନିମ୍ନଲିଖିତ କେନ୍ଦ୍ରୀୟ ଯୋଜନା ଅନୁଯାୟୀ ଇଚ୍ଛୁକ ଏନ୍‌ଜିଓ/ ସ୍ୱେଚ୍ଛାସେବୀ ସଂଗଠନ/ସଂସ୍ଥା/ବିଶ୍ୱବିଦ୍ୟାଳୟ/ପ୍ରକାଶକ/ ବ୍ୟକ୍ତି/ଛାତ୍ରଙ୍କ ଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପତ୍ର ଆମନ୍ତ୍ରିତ କରାଯାଉଛି।

| କ୍ର. ସଂଖ୍ୟା | ଯୋଜନାର ନାମ | ଅନ୍‌ଲାଇନ୍ ପଞ୍ଜିକରଣ ଆରମ୍ଭ ତିଥି | ଅନ୍ତିମ ତିଥି |
|---|---|---|---|
| 1. | ସଂସ୍କୃତ ଶିକ୍ଷଣ- ପାରମ୍ପରିକ ସଂସ୍କୃତ ପାଠଶାଳା/ମହାବିଦ୍ୟାଳୟ/ସରକାରୀ ବିଦ୍ୟାଳୟ/ଗୁରୁଶିଷ୍ୟ ପରମ୍ପରା ସଂସ୍ଥାରେ ଶିକ୍ଷାହେତୁ ସଂସ୍କୃତ ଏବଂ ଆଧୁନିକ ବିଷୟର ଶିକ୍ଷକଙ୍କ ବ୍ୟବସ୍ଥା ତଥା ଆବସୀୟ ଛାତ୍ରବୃତ୍ତି। | 01.04.2025 | 30.06.2025 (ଆବେଦନ ପାଇଁ ପୋର୍ଟାଲ ବର୍ଷସାରା ଖୋଲା ରହିବ) |
| 2. | ସମ୍ମାନ ରାଶି-ଅଭାବଗ୍ରସ୍ତ ପରିସ୍ଥିତିରେ ରହିଥିବା ପ୍ରଖ୍ୟାତ ସଂସ୍କୃତ ପଣ୍ଡିତଙ୍କ ପାଇଁ ବାର୍ଷିକ ବୃତ୍ତି। | | |
| 3. | ସଂସ୍କୃତ ପୁସ୍ତକର ପ୍ରକାଶନ, ଏକକାଳୀନ ଖରିଦ ଓ ଦୁର୍ଲଭ ସଂସ୍କୃତ ଗ୍ରନ୍ଥର ପୁନଃମୁଦ୍ରଣ। | | |
| 4. | ଶାସ୍ତ୍ର ଚୁଡାମଣି- ସଂସ୍କୃତ ଶାସ୍ତ୍ର ଶିକ୍ଷଣ ହେତୁ ଶାସ୍ତ୍ର ବିଦ୍ୱାନ ଅଥବା ସେବାନିବୃତ୍ତ ସଂସ୍କୃତ ବିଦ୍ୱାନଙ୍କ ସେବାର ଉପଯୋଗିତା। | | |
| 5. | ସଂସ୍କୃତ ସମ୍ବର୍ଦ୍ଧନ କାର୍ଯ୍ୟକ୍ରମ ଏବଂ ଗତିବିଧି-ବିଭିନ୍ନ ସଂସ୍କୃତ ସମ୍ବର୍ଦ୍ଧନ କାର୍ଯ୍ୟକ୍ରମର ଆୟୋଜନ ହେତୁ ଆର୍ଥିକ ସହାୟତା। | | |
| 6. | ବ୍ୟବସାୟିକ ପ୍ରଶିକ୍ଷଣ-ପଞ୍ଜିକୃତ ପାରମ୍ପରିକ ସଂସ୍କୃତ ସଂସ୍ଥାରେ ଅଧ୍ୟୟନରତ ଛାତ୍ରଙ୍କୁ ପ୍ରଶିକ୍ଷଣ। | | |
| 7. | ଅଷ୍ଟାଦଶୀ-ସଂସ୍କୃତ ସମ୍ବର୍ଦ୍ଧନ ହେତୁ ଅଠର ପରିଯୋଜନା (ନିର୍ଦ୍ଧାରିତ କ୍ଷେତ୍ରରେ ହିଁ ଆବେଦନ ଆମନ୍ତ୍ରିତ) | | |
| 8. | ଛାତ୍ରବୃତ୍ତି-ପାରମ୍ପରିକ ଏବଂ ଆଧୁନିକ ଧାରାରେ ନିୟମିତ ରୂପରେ ନବମ ଶ୍ରେଣୀ ଠାରୁ ପିଏଚ୍‌ଡି ପର୍ଯ୍ୟନ୍ତ ସଂସ୍କୃତ / ପାଲି / ପ୍ରାକୃତ ଭାଷାର ଅଧ୍ୟୟନ କରୁଥିବା ଛାତ୍ର/ଛାତ୍ରୀଙ୍କ ପାଇଁ ବୃତ୍ତି। | | |

ଉପରୋକ୍ତ ସମସ୍ତ ଯୋଜନା ପାଇଁ ୱେବ୍‌ସାଇଟ୍‌ର ଅନ୍‌ଲାଇନ୍ ପୋର୍ଟାଲ ସାରା ଆର୍ଥିକ ବର୍ଷ ଖୋଲା ରହିବ। ହେଲେ ଉପରୋକ୍ତ ଦିନାଙ୍କ **30.06.2025** ପର୍ଯ୍ୟନ୍ତ ପ୍ରାପ୍ତ ଆବେଦନପତ୍ରକୁ ନିକଟତମ ଅନୁଦାନ ସମିତିର ବୈଠକରେ ବିତ୍ତୀୟ ସହାୟତା ହେତୁ ବିଚାର ନିମନ୍ତେ ରଖାଯିବ। ଉପରୋକ୍ତ ତିଥି ପରେ ପ୍ରାପ୍ତ ଆବେଦନପତ୍ରର ଅନୁଦାନ ସମିତି (ଅଧ୍ୟକ୍ଷ ଓ ସଦସ୍ୟ)ର ସୁବିଧା ଓ ବଜେଟ୍ ଉପଲବ୍ଧତାର ଆଧାର ପରେ ପରବର୍ତ୍ତୀ ଅନୁଦାନ ସମିତି ବୈଠକରେ ବିଚାର ନିମନ୍ତେ ରଖାଯାଇପାରେ। ଏହି ସଂଦର୍ଭରେ ଧ୍ୟାନ ଦେବା ଉଚିତ୍ ଯେ ଆର୍ଥିକ ସହାୟତା କେବଳ ବଜେଟ୍ ଉପଲବ୍ଧତାର ସୀମା ଭିତରେ ଗୋଟିଏ ବର୍ଷ ପାଇଁ ପ୍ରଦାନ କରାଯିବ।

ବିତ୍ତୀୟ ସହାୟତା ପାଇଁ ଆବେଦନ ଜମା କରିବା ସମୟରେ ଇଚ୍ଛୁକ ଆବେଦକ ଦୟାକରି ନିମ୍ନଲିଖିତ ନିର୍ଦ୍ଦେଶକୁ ଧ୍ୟାନରେ ରଖନ୍ତୁ :-

i) ଉପଯୁକ୍ତ ସମସ୍ତ ଯୋଜନା ଅନ୍ତର୍ଗତ ଆବେଦନପତ୍ର କେବଳ ଅନ୍‌ଲାଇନ୍ ମାଧ୍ୟମରେ (online mode only) ସ୍ୱୀକାର୍ଯ୍ୟ ଅଟେ। ଅନ୍ୟ ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଆବେଦନପତ୍ର ଅସ୍ୱୀକାର୍ଯ୍ୟ।

ii) ଉପଯୁକ୍ତ ଯୋଜନାର ଦିଶାନିର୍ଦ୍ଦେଶ ଅନୁସାରେ ଇଚ୍ଛୁକ ଆବେଦକଙ୍କ ଦ୍ୱାରା ପ୍ରକାଶନ ସାମଗ୍ରୀ /ପୁସ୍ତକ/ଆବଶ୍ୟକ କାଗଜପତ୍ର ଆଦି ପ୍ରତି ତଥା ସକ୍ଷମ କ୍ରାନ୍ତିକାରୀ ଦ୍ୱାରା ସତ୍ୟାପିତ ଅନ୍‌ଲାଇନ୍ ଆବେଦନପତ୍ରର ପ୍ରତିବିଧିବତ ପ୍ରାମାଣିତ କର ଜମା କରିବା ଆବଶ୍ୟକ। ଆବେଦନପତ୍ର ଓ ଅନୁଲଗ୍ନକୁ ସମସ୍ତ ପୃଷ୍ଠାରେ ଆବେଦକ ଦ୍ୱାରା ସ୍ୟାହୀ ହସ୍ତାକ୍ଷର ଓ ସ୍ୱସତ୍ୟାପିତ ହେବା ଉଚିତ୍।

iii) ଅନ୍‌ଲାଇନ୍ ଆବେଦନପତ୍ର ପୂରଣ କରିବା ପରେ ପୂରଣ ହୋଇଥିବା ଆବେଦନପତ୍ରର ହାର୍ଡକପି 20 ଦିନ ଭିତରେ ଯୋଜନାର ନାମ ଲଫାପାର ଶୀର୍ଷରେ ଲେଖି ପଞ୍ଜିକୃତ ଡାକ ଦ୍ୱାରା "କୁଳସଚିବ, କେନ୍ଦ୍ରୀୟ ସଂସ୍କୃତ ବିଦ୍ୟାଳୟ, 56-57, ସାଂସ୍ଥାନିକ କ୍ଷେତ୍ର, ଜନକପୁରୀ, ନୂଆଦିଲ୍ଲୀ-110058କୁ ଅନିବାର୍ଯ୍ୟ ରୂପରେ ଉପଲବ୍ଧ କରିବା ଆବଶ୍ୟକ।

iv) ଆବେଦନପତ୍ର ପୂରଣ ପୂର୍ବରୁ, ଏହି ପରାମର୍ଶ ଦିଆଯାଉଛି ଯେ, ପ୍ରତ୍ୟେକ ଯୋଜନାର ଦିଶାନିର୍ଦ୍ଦେଶ ଧ୍ୟାନପୂର୍ବକ ପଢନ୍ତୁ।

v) ପ୍ରତ୍ୟେକ ଯୋଜନାର ଦିଶା ନିର୍ଦ୍ଦେଶ, ମାନଦେୟ ରାଶି, ଆବଶ୍ୟକ କାଗଜପତ୍ର, ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିବାର ପ୍ରକ୍ରିୟା ଏବଂ ଆବେଦନପତ୍ରକୁ ଅଗ୍ରସାରିତ କରିବା ପ୍ରକ୍ରିୟା ଆଦି କି ବିସ୍ତୃତ ଜାଣିବା ନିମନ୍ତେ ଦୟାକରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌www.sanskrit.nic.in/schemes କୁ ଦେଖନ୍ତୁ।

vi) ଉପରୋକ୍ତ ପ୍ରତ୍ୟେକ ଯୋଜନା ପାଇଁ ସ୍ୱତଃ ନବୀନକରଣ ହେବ ନାହିଁ। ସେଥିପାଇଁ ଗତବର୍ଷର ସମସ୍ତ ଅନୁଦାନପ୍ରାପ୍ତ ସଂସ୍ଥାକୁ ପ୍ରତ୍ୟେକ ବର୍ଷ ଯୋଜନା ଅନ୍ତର୍ଗତ ନିୟମ ଅନୁସାରେ ନୂତନ ଆବେଦନ କରିବା ଅନିବାର୍ଯ୍ୟ।

vii) ବିତ୍ତୀୟ ସହାୟତା ନିମନ୍ତେ ଆବେଦନପତ୍ର ବିଚାର ବା ଅସ୍ୱୀକୃତି, ଯୋଜନାର ନିୟମଅନୁସାରେ, ଅର୍ଥର ଉପଲବ୍ଧତା ଓ ଅନୁଦାନ ସମିତିର ସ୍ୱୀକୃତି ଆଦି ପ୍ରକ୍ରିୟା ଉପରେ ନିର୍ଭର କରୁଛି। ଅତଃ ପ୍ରତ୍ୟେକ ଯୋଜନାର ଅନ୍ତର୍ଗତ ବିତ୍ତୀୟ ସହାୟତା ହେତୁ ପ୍ରତିବର୍ଷ ପୃଥକ ଆବେଦନ କରିବା ଅନିବାର୍ଯ୍ୟ।

viii) ଯୋଜନା ସମ୍ବନ୍ଧିତ କୌଣସି ସ୍ପଷ୍ଟିକରଣ ବା ସନ୍ଦେହ ମାମଲାରେ ଆବେଦକ ଉପରଲିଖିତ ଟେଲିଫୋନ୍ ନଂ. ବା ପତ୍ର ବ୍ୟବହାର ସଂକେତ ଅଥବା ଇ-ମେଲ୍ help. schemes@csu.co.in ମାଧ୍ୟମରେ ସମ୍ପର୍କ କରିପାରିବେ।

ଟିପ୍ପଣୀ : ଉପରୋକ୍ତ ଆବେଦନ କପି (i) ଯୋଜନାର ବିବରଣୀ (v) ନିମନ୍ତେ ଦୟାକରି ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ସଂଲଗ୍ନ "ଅଧିସୂଚନା" ଦେଖନ୍ତୁ।

ସ୍ୱା/-
କୁଳସଚିବ

cbc 21212/12/0005/2425


# ଏଥର ପକ୍ଷରୁ ଭୁବନେଶ୍ୱରରେ ଖୋଲିଲା ତୃତୀୟ ଏକ୍ସପେରିଏନ୍ସ ସେଣ୍ଟର

**ଭୁବନେଶ୍ୱର, ୨୯.୩ ନ୍ୟୁଜ ବ୍ୟୁରୋ**

ଭାରତର ଅଗ୍ରଣୀ ଇଲେକ୍ଟ୍ରିକ ଦୁଇଚକିଆ ଯାନ ନିର୍ମାତା ଏଥର ଏନର୍ଜି ଲିମିଟେଡ ଭୁବନଶ୍ୱରର ପୁରୀ ବାଇପାସ୍ ରୋଡ୍ ପାଣ୍ଡେରା ଛକଠାରେ ଏହାର ତୃତୀୟ ଏକ୍ସପେରିଏନ୍ସ ସେଣ୍ଟର 'ଏଥର୍ ସ୍ପେଶ' ର ଶୁଭାରମ୍ଭ ହୋଇଛି । ଏହି ଏକ୍ସପେରିଏନ୍ସ ସେଣ୍ଟରରେ ଗ୍ରାହକମାନେ ଏଥରର୍ ପ୍ରଥମ ଫ୍ୟାମିଲି ସ୍କୁଟର ରିଷ୍ଟା, ଏଥର-୪୫୦ ଏବିଏସ୍, ଏଥର-୪୫୦ଏସ, ଏଥର-୪୫୦ଏକ୍ସପ୍ରୋ କ୍ରୟ କରିପାରିବେ । ଏହି ଅବସରରେ ଏଥର ଏନର୍ଜିର ନ୍ୟାସନାଲ ସେଲ୍ସ ହେଡ୍ ଉମେଶ ଚୌଧୁରୀ ଓ ସୋରୁମର ପ୍ରତିଷ୍ଠାତା ଅର୍ଣ୍ଣବ ବେହେରା ଓ ଅର୍ଣ୍ଣବ ପ୍ରଧାନଙ୍କ ସହ ଏଥର ଏନର୍ଜିର ପୂର୍ବାଞ୍ଚଳର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହାର ଗ୍ରାଣ୍ଡ ଓପନିଙ୍ଗରେ ୧୫ଟି ଗାଡି ଡେଲିଭରି ଦିଆହୋଇଛି ଓ ୨୦ଟି ଗାଡି ବୁକିଙ୍ଗ ହୋଇଛି । ଇଲେକ୍ଟ୍ରି ଗାଡି କ୍ଷେତ୍ରରେ ବିକାଶକୁ ବଢାଇବା ପାଇଁ ଏଥର୍ ଏନର୍ଜି ତରଫରୁ ଅନେକ ପ୍ରକାର ମଡେଲମାନ ବଜାରକୁ ଛଡାଯାଉଛି ।







**କଟକ ଉନ୍ନୟନ କର୍ତ୍ତୃପକ୍ଷ** CAD-
ଅରୁଣୋଦୟ ଭବନ - ଲିଙ୍କ୍ ରୋଡ୍,କଟକ - ୧୨
ସଂଖ୍ୟା 3752 /କ.ଉ.କ./ତା29.03.25

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କଲେଜ୍ ଛକ ସ୍ଥିତ, ବିକାଶସଦନ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଘର ନଂ. ଏ/୪୧ (ତଳମହଲା) ଟିକୁ ଶ୍ରୀ ବୀରଭାନୁ ମହାପାତ୍ରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଉକ୍ତ ଦୋକାନ ଗୃହଟିକୁ ତୃତୀୟପକ୍ଷ ସୂତ୍ରରେ ଶ୍ରୀ ରାଜେନ୍ଦ୍ର ନାରାୟଣ ମହାନ୍ତି,ପିତା- ଅନାଦି ଚରଣ ମହାନ୍ତି ସା-ଗଣ୍ଡରପୁର, ନୂଆ ମାଲଗୋଦାମ ରୋଡ୍ ପାଖ, କଲେଜ ଛକ, କଟକ, ୭୫୩୦୦୩ ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ (ସିନିୟର ମ୍ୟାନେଜର, ଇଣ୍ଡିୟାନ ଓଭରସିଜ୍ ବ୍ୟାଙ୍କ, ଯୋବ୍ରା ବ୍ରାଞ୍ଚ, (୧୨୪୭), ସି.ଡି.ଏ. ବିକାଶ ସଦନ ମାର୍କେଟ କମ୍ପ୍ଲେକ୍ସ ପୋ-କଲେଜ ଛକ, କଟକ ) କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି ।

ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଦୋକାନଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

OIPR-13037/11/0222/2425 ସଚିବ


# କଂଗ୍ରେସର ବିଧାନସଭା ଘେରାଉ ବେଳେ ଦଙ୍ଗା ମାମଲା : ଜଣେ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଧାନସଭା ଘେରାଉ ବେଳେ କଂଗ୍ରେସ କର୍ମୀଙ୍କ ଦଙ୍ଗା କରିବା ଘଟଣାରେ ଜଣେ ଅଭିଯୁକ୍ତକୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନହରକଂଟାର ମିର୍ଜା ଇସଲାମ ବେଗ ।ତାଙ୍କ ନାଁରେ କ୍ୟାପିଟାଲ ଥାନାରେ ମାମଲା ରୁଜୁ ହୋଇଛି। ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେଉଁ ଯେଉଁ ମାନେ ଆଟାକ କରିଥିଲେ ସେମାଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି। ଅନେକ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଗିରଫ ଅଭିଯୁକ୍ତ ନାଁରେ ଲକ୍ଷ୍ମୀ ସାଗର, କ୍ୟାପିଟାଲ ଏବଂ ପାହାଳ ଥାନାରେ ମାମଲା ରହିଛି । ଲକ୍ଷ୍ମୀ ସାଗର ଥାନାରେ କୋଟିଏ ରୁ ଅଧିକ ଟଙ୍କା ଠକେଇ ମାମଲା ରହିଛି। ଜଣେ ମହିଳାଙ୍କୁ ଜମି ଦେବାକୁ କହି ଠକେଇ କରିଥିଲେ । ଦଙ୍ଗା ମାମଲାରେ କ୍ୟାପିଟାଲ ଥାନାରେ ମୋଟ ୩ଟି ମାମଲା ରେଜିଷ୍ଟର ହୋଇଛି । ବିଧାନସଭା ଆଗରେ ହୋହାଲା କରିବା, ପୋଲିସ ଗାଡି ପୋଡିବା ଏବଂ ଘେରାଓ ବେଳେ ପଥର, ଚେୟାର ମାଡ଼ କରିବା ନେଇ ମାମଲା ହୋଇଛି ବୋଲି କହିଛନ୍ତି ଡିସିପି।


OFFICE OF THE MUNICIPAL COUNCIL: KEONJHARGARH C-2037
email- keonjharm.hud@rediffmail.com
Invitation for Bids (IFB) ' e' Procurement NOTICE
Bid Identification No.ODULB_KGM-11/2024-25
Letter No 2248 /KGM/ Date.28.03.2025

On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system ,through e-Procurement

1- Nature of work- **Electrical Work.**
2- No of Work- **1 No**
3-Value of works: Rs. **19,90,424/-**
4-Date & Time of availability of Bid document in the portal:
From. **29.03.2025** at 11.00 A.M. up to **09.04.2025** at 5.30 P.M.
5-Date of Opening of bid in portal. **11.04.2025** at 11.00 A.M.
6- Name & address of the officer in Inviting Bid– EO, Keonjharagrh Municipality
Further details can be seen from Website: www.tendersorissa.gov.in

**Executive Officer,**
**Keonjhargarh Municipality**
**OIPR-13115/11/0018/2425**


# ବିଧାନସଭାକୁ ଯିବା ବେଳେ ଦୁଇ କଂଗ୍ରେସ ବିଧାୟକଙ୍କୁ ଅଟକାଇଲା ପୋଲିସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଧାନସଭା କୁ ଯିବା ବେଳେ ଦୁଇ କଂଗ୍ରେସ ବିଧାୟକ ଙ୍କୁ ପୋଲିସ ଅଟକାଇଛି । ଏହା ପରେ ବିଧାନସଭା ଗେଟ ବାହାରେ କଂଗ୍ରେସ ବିଧାୟକ ମାନେ ଧାରଣା ଦେଇଛନ୍ତି।

ଭୁବନେଶ୍ୱର
୩୦ ମାର୍ଚ୍ଚ,
ରବିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

## ୩୧ରେ ଶ୍ରୀଜୀଉଙ୍କ ଖସାପଡାଲାଗି ନୀତି : ୪ ଦିନ ବନ୍ଦ ରହିବ ରତ୍ନଭଣ୍ଡାର ମରାମତି କାର୍ଯ୍ୟ

**ପୁରୀ, ୨୯।୩ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ୪ ଦିନ ପାଇଁ ବନ୍ଦ ରହିବ। ଆସନ୍ତା ୩୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟ ବନ୍ଦ ରହିବ। ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଖସାପଡାଲାଗି ନୀତି ଆସନ୍ତା ୩୧ ତାରିଖରେ ଅନୁଷ୍ଠିତ ହେବ। ସେହିପରି ବନକଲାଗି ନୀତି ଆସନ୍ତା ୨ ତାରିଖରେ ହେବ। ମହାପ୍ରଭୁଙ୍କ ଏହି ସବୁ କାର୍ଯ୍ୟ ପାଇଁ ୪ ଦିନ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ।

## ଲିଙ୍ଗରାଜ ମନ୍ଦିର ରାସ୍ତାରୁ ବେଆଇନ ପାର୍କିଂ ଉଚ୍ଛେଦ ମାମଲା : ରାଜ୍ୟ ସରକାରଙ୍କୁ ନୋଟିସ

**କଟକ, ୨୯।୩ ନ୍ୟୁଜ ବ୍ୟୁରୋ**





ଭୁବନେଶ୍ୱରସ୍ଥିତ ଶ୍ରୀଲିଙ୍ଗରାଜ ମନ୍ଦିର ଉତ୍ତର ଦ୍ୱାରଠାରୁ ମାଉସୀ ମା' ମନ୍ଦିର (ରାମେଶ୍ୱର ମନ୍ଦିର) ପର୍ଯ୍ୟନ୍ତ ରାସ୍ତାରେ ବେଆଇନ ପାର୍କିଂ ଉଚ୍ଛେଦକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି । ଅନିନ୍ଦିତ ପୁରୋହିତଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୧୬ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି । ଆବେଦନକାରୀ ପିଟିସନ୍‌ରେ ଦର୍ଶାଇଛନ୍ତି, ରଥ ରାସ୍ତା କୁହାଯାଉଥିବା ଲିଙ୍ଗରାଜ ମନ୍ଦିରର ଉତ୍ତର ଦ୍ୱାରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଜବରଦଖଲ କାରଣରୁ ସଂକୁଚିତ ହୋଇଯାଇଛି। ତେଣୁ ଯେଉଁମାନେ ଏହି ରାସ୍ତାରେ ବ୍ୟବସାୟ କରିବେ ସେମାନଙ୍କ ନିକଟରେ ପାର୍କିଂ ପାଇଁ ଯଥେଷ୍ଟ ସ୍ଥାନ ଥିଲେ ବ୍ୟବସାୟ ପାଇଁ ଲାଇସେନ୍ସ ଦିଆଯାଉ । ଦ୍ୱିତୀୟରେ ଏହି ରାସ୍ତାରୁ ବେଆଇନ ପାର୍କିଂ ହଟାଯିବା ସହ ସାଧାରଣ ଲୋକେ ଯେପରି ସୁବିଧାରେ ଯାତାୟାତ କରିପାରିବେ ସେ ଦିଗରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଆବେଦନକାରୀ ପିଟିସନ୍‌ରେ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ମାମଲାକୁ ବିଚାର ପାଇଁ ଗ୍ରହଣ କରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)କୁ ଜବାବ ଦାଖଲ ଲାଗି ନୋଟିସ୍ କରିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପି.କେ. ପଟ୍ଟନାୟକ ଏବଂ ଆଇନଜୀବୀ ଏସ୍.କେ. ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।



ଭୁବନେଶ୍ୱର : ଲୋକସେବା ଭବନରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

### କିଟ୍‌ରେ ଇଫ୍‌ତାର ପାଳିତ

# ସବୁ ଧର୍ମର ମୂଳ ଆଧାର ହେଉଛି ଦୟା : ଅଚ୍ୟୁତ

**ଭୁବନେଶ୍ୱର, ୨୯।୩ ନ୍ୟୁଜ ବ୍ୟୁରୋ**



ପ୍ରତିବର୍ଷ ଭଳି ଚଳିତବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଇଫ୍‌ତାର ପାଳିତ ହୋଇଯାଇଛି। କିଟ୍‌ରେ କାର୍ଯ୍ୟରତ ମୁସଲମାନ ସଂପ୍ରଦାୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଭାରତ ସମେତ ବିଭିନ୍ନ ଦେଶର ଛାତ୍ରଛାତ୍ରୀଙ୍କୁ ନେଇ ଇଫ୍‌ତାର ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ ସବୁ ଧର୍ମର ମୂଳ ଆଧାର ହେଉଛି ଦୟା, ମାନବିକତା, ସ୍ନେହ ଓ ସୌହାର୍ଦ୍ଦ୍ୟ। କିଟ୍ ଓ କିସ୍ ଦୟା ଓ ମାନବିକତା ଉପରେ ପର୍ଯ୍ୟବେଶିତ ଦୁଇଟି ଶିକ୍ଷାନୁଷ୍ଠାନ। ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇ ଡ. ସାମନ୍ତ କହିଲେ, ଅନ୍ୟକୁ ଭଲ ପାଇବା ଅନ୍ୟମାନଙ୍କ ଠାରୁ ଭଲ ପାଇବା ଓ ସ୍ନେହ ପାଇବା ପାଇଁ ଚେଷ୍ଟା କର। ଏହା ଦ୍ୱାରା ମଣିଷକୁ ଆତ୍ମସନ୍ତୋଷ ମିଳିବା ସହ ଅନ୍ୟମାନେ ମଧ୍ୟ ଏଥିରୁ ଆନନ୍ଦ ପାଇଥାନ୍ତି। ପରସ୍ପରକୁ ଭଲ ପାଇବା ଦ୍ୱାରା ଅନେକ ମାନସିକ ଓ ସାମାଜିକ ସମସ୍ୟା ଦୂର ହୋଇପାରିବ। ଏହାକୁ ସମସ୍ତେ ଆପଣାଇବା ସହ ଅଭ୍ୟାସ କରିବା ଉଚିତ ବୋଲି ସେ କହିଥିଲେ। ଏଥିପାଇଁ ନିଜ ଜୀବନରେ ଆର୍ଟ ଅଫ୍ ଗିଭିଂକୁ ଏକ ଅଭ୍ୟାସରେ ପରିଣତ କରିବା ପାଇଁ ଡ. ସାମନ୍ତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ବିଶ୍ୱବିଦ୍ୟାଳୟ ଉପକୁଳପତି ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

### ଓଏଏସ ସ୍ତରରେ ଅଦଳ ବଦଳ

# ମୃଣାଳକାନ୍ତି ଦାସ ହେଲେ ସିଏଚଏସଇ ଅଧ୍ୟକ୍ଷ

**ଭୁବନେଶ୍ୱର, ୨୯।୩ ନ୍ୟୁଜ ବ୍ୟୁରୋ**




ରାଜ୍ୟ ସରକାର ଶନିବାର ଓଏଏସ ସ୍ତରରେ ଅଦଳବଦଳ କରିଛନ୍ତି। ମୃଣାଳ କାନ୍ତି ଦାସଙ୍କୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ ) ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି । ସେ ପୂର୍ବରୁ ଏନଏଚଏମ ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ଥିଲେ। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି। ସେହିପରି ରାଜସ୍ୱ ବୋର୍ଡର ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକୋରାଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଭାବରେ ବଦଳି କରାଯାଇଛି । ଏହା ସହିତ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ମନୋରଞ୍ଜନ ମଲ୍ଲିକଙ୍କୁ ଜିଏ ଏବଂ ପିଜି ବିଭାଗର ସ୍ୱତନ୍ତ୍ର ସଚିବ ଭାବରେ ବଦଳି କରାଯାଇଛି । ଝାରସୁଗୁଡ଼ା ଜିଲ୍ଲା ପରିଷଦର ସିଡିଓ ତଥା ଇଓ ପ୍ରବୀର କୁମାର ନାୟକଙ୍କୁ ରାଜସ୍ୱ ବୋର୍ଡର ସଦସ୍ୟ ଅଧୀନରେ ଅତିରିକ୍ତ କମିଶନର ଭାବେ ନିଯୁକ୍ତି ଦିଆଯାଇଛି।




ଭୁବନେଶ୍ୱର: ଶଙ୍ଖ ଭବନରେ ଅନୁଷ୍ଠିତ ହୋଇଥିବା ଇଫତାର ପାର୍ଟିରେ ସାମିଲ ହୋଇଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଏହି ଅବସରରେ ଦଳର ଅନେକ ନେତା ମଧ୍ୟ ଯୋଗଦେଇଥିଲେ। (ଫଟୋ : ସମ୍ବାଦ କଳିକା)

# ଅଲିଭ୍ ରିଡ୍‌ଲେ ଅଣ୍ଡା ସୁରକ୍ଷା ପାଇଁ ତତ୍ପର ବନ ବିଭାଗ : ବେଳାଭୂମିରେ ବସିଲା ୩ କିମିର ତାର ବାଡ

**ବ୍ରହ୍ମପୁର/ପୁରୀ, ୨୯/୩ ନ୍ୟୁଜ ବ୍ୟୁରୋ**



ଅଲିଭ୍ ରିଡ୍‌ଲେ ଅଣ୍ଡାର ସୁରକ୍ଷା କବଚ ସାଜିଛି ଲୁହା ତାର ବାଡ଼। ଜଙ୍ଗଲୀ ଜନ୍ତୁଙ୍କ ଠାରୁ ସୁରକ୍ଷା ଦେଉଛି। ତାର ବାଡ଼ ଅତିକ୍ରମ ନକରି ନିରାଶ ହୋଇ ଫେରୁଛନ୍ତି ବାର୍‌ହା। ଖୋଲା ବେଳାଭୂମିରେ ଏବେ ୩ କିଲୋମିଟରରୁ ଅଧିକ ତାର ବାଡ଼ ସୁରକ୍ଷାର ଢାଲ ସାଜିଛି। ବନ କର୍ମଚାରୀ ସମେତ ସୁରକ୍ଷାରେ ନିୟୋଜିତ ଗ୍ରାମବାସୀଙ୍କୁ ସହଯୋଗ ହେଉଛି। ଏପଟେ ମୁହାଣରେ ଦ୍ୱିତୀୟ ପର୍ଯ୍ୟାୟ ଅଣ୍ଡାଦାନ ସମୟରେ ନଷ୍ଟ ହେଉଛି ଲକ୍ଷ ଲକ୍ଷ ଅଣ୍ଡା। ନୂଆ କଇଁଛ ଅଣ୍ଡାଦେବାକୁ ବେଳାଭୂମି ଖୋଳୁଥିବାବେଳେ ପୁରୁଣା ଅଣ୍ଡା ନଷ୍ଟ ହେଉଛି। ପ୍ରତିଦିନ ଋଷିକୁଲ୍ୟା ମୁହାଣରେ ଏପରି ଚିତ୍ର ଦେଖିବାକୁ ମିଳୁଛି। ଖୋଲା ବେଳାଭୂମି ଏବେ ଆବଦ୍ଧ ହୋଇଛି। ମୁକୁଳା ବେଳାଭୂମିରେ କଇଁଛ ଅଣ୍ଡା ସୁରକ୍ଷା ସହଜ ହୋଇଛି। ପୂର୍ବରୁ ଗୋଖରକୁଦାରୁ ପ୍ରୟାଗୀ ୫ କିଲୋମିଟର ଖୋଲା ବେଳାଭୂମିକୁ ଜଗୁଥିଲେ ବନ କର୍ମଚାରୀ ଓ ଗ୍ରାମବାସୀ। ବର୍ତ୍ତମାନ ପର୍ଯ୍ୟାୟକ୍ରମେ ବେଳାଭୂମିରେ ଲୁହାର ତାର ବାଡ଼ ତିଆରି କରାଯାଉଛି। ପ୍ରଥମେ ପରୀକ୍ଷା ମୂଳକ ଭାବେ ଏକ କିଲୋମିଟର ବେଳାଭୂମିରେ ହୋଇଥିବା ତାର ବାଡ଼ ଏବେ ୩ କିଲୋମିଟରକୁ ବଢ଼ିଛି। ଫଳରେ ଫେରୁଛନ୍ତି ଜଙ୍ଗଲୀ ଜନ୍ତୁ । ବାଡ଼ ବାହାରେ କଇଁଛ ଅଣ୍ଡା ଖାଇବା ଆଶାରେ ଆସିଥିବା ଜଙ୍ଗଲୀ ଜନ୍ତୁ ଜଗି ରହୁଛନ୍ତି, ହେଲେ ଶେଷରେ ନିରାଶ ହୋଇ ଫେରୁଛନ୍ତି। ବିଶେଷ ଭାବେ ବାର୍‌ହା, ବିଲୁଆ, କୁକୁର ପୂର୍ବରୁ କଇଁଛ ଅଣ୍ଡାକୁ ଖୋଳି ଖାଉଥିଲେ। ବର୍ତ୍ତମାନ ଏଥିରେ ରୋକ୍ ଲାଗିଛି। ତଥାପି କେତେକ ସ୍ଥାନରେ ବାର୍‌ହା ଦଳ ଆସି ତାରବାଡ଼କୁ ଭାଙ୍ଗିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଛି। ଅନୁକୂଳ ପରିବେଶ କାରଣରୁ ଋଷିକୁଲ୍ୟା ମୁହାଣରେ ଦ୍ୱିତୀୟ ପର୍ଯ୍ୟାୟରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ଆରମ୍ଭ ହୋଇଛି। ପୂର୍ବରୁ ଫେବୃୟାରୀ ୧୫ରୁ ୮ ଦିନ ଧରି ପ୍ରଥମ ପର୍ଯ୍ୟାୟ ଗଣ ଅଣ୍ଡାଦାନ ହୋଇଥିଲା। ଋଷିକୁଲ୍ୟା ମୁହାଣରେ ଅଣ୍ଡାର ସୁରକ୍ଷା ବନ ବିଭାଗ ପାଇଁ ଚ୍ୟାଲେଞ୍ଜ ସାଜିଛି। ବନପାଳ ଡି. ପ୍ରଶାନ୍ତ ରାଓ କହିଛନ୍ତି, ପୂର୍ବରୁ ବେଳାଭୂମି ସମ୍ପୂର୍ଣ୍ଣ ଖୋଲା ରହୁଥିଲା। ଜଙ୍ଗଲୀ ଜନ୍ତୁ ପଶିବାକୁ ସବୁଠି ରାସ୍ତା ଖୋଲା ଥିଲା। ବେଳାଭୂମିକୁ ହିଂସ୍ର ଜନ୍ତୁ ଆସିଲେ ସେଗମେଣ୍ଟରେ ଜଗିଥିବା ପୁରା ଟିମ୍ ତାକୁ ବାହାର କରିବାକୁ ଲାଗୁଥିଲୁ। ଫେନସିଂ ହେବା ଦ୍ୱାରା ଏବେ ବେଳାଭୂମି ଅବରୋଧ ହୋଇଛି। ବର୍ତ୍ତମାନ ହାତ ଗଣତି ସ୍ଥାନରେ ଜନ୍ତୁ ବେଳାଭୂମିକୁ ପଶିବାକୁ ଚେଷ୍ଟା କରୁଛନ୍ତି। ଏହାକୁ ଚିହ୍ନଟ କରାଯାଇଛି। ସେଠାରେ ନିୟୋଜିତ କର୍ମଚାରୀ ଜଙ୍ଗଲୀ ଜନ୍ତୁଙ୍କୁ ଅଟକାଉଛନ୍ତି। ଋଷିକୁଲ୍ୟା ସାମୁଦ୍ରିକ କଇଁଛ ସୁରକ୍ଷା ସମିତିର ମୁଖ୍ୟ ରବିନ୍ଦ୍ର ନାଥ ସାହୁ କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟ ଅଣ୍ଡାଦାନରେ ଅନେକ ଅଣ୍ଡା ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଅଣ୍ଡାରେ ହିଁ ଶାବକଙ୍କ ମୃତ୍ୟୁ ହେଉଛି। ଏହା ପ୍ରାକୃତିକ ପ୍ରକ୍ରିୟା। ପୂର୍ବରୁ କଇଁଛ ଅଣ୍ଡାଦେଇଥିବା ବାଲିକୁ ଏବେ ଆସୁଥିବା କଇଁଛ ଅଣ୍ଡାଦାନ ପାଇଁ ଖୋଳୁଛନ୍ତି। ଫଳରେ ଅଣ୍ଡା ନଷ୍ଟ ହେଉଛି। ବ୍ରହ୍ମପୁର ଡିଏଫ୍‌ଓ ସନି ଖୋଖର କହିଛନ୍ତି, ସୁରକ୍ଷା ପାଇଁ କର୍ମଚାରୀ ନିୟୋଜିତ ରହିଛନ୍ତି। ଏହା ସହ ଲୁହା ତାର ବାଡ଼ ଅଣ୍ଡାର ସୁରକ୍ଷା କ୍ଷେତ୍ରରେ ବେଶ୍ ସହାୟକ ହେଉଛି। ଆଗାମୀ ବର୍ଷରେ ଅଣ୍ଡାଦାନ ହେଉଥିବା ପୁରା ବେଳାଭୂମିରେ ଲୁହା ତାର ବାଡ଼ ତିଆରି କରାଯିବ। ସେହିପରି ପ୍ରତିବର୍ଷ ନଭେମ୍ବର ମାସଠାରୁ ମେ'ମାସ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାକୁ ହଜାର ହଜାର ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଆସିଥାଆନ୍ତି । କଇଁଛଙ୍କ ଏନ୍ତୁଡ଼ିଶାଳ କୁହାଯାଉଥିବା ପୁରୀଠାରୁ ଅସ୍ତରଙ୍ଗ, କୃଷ୍ଣପ୍ରସାଦ ପର୍ଯ୍ୟନ୍ତ କଇଁଛମାନେ ଅଣ୍ଡାଦାନ କରି ପୁଣି ସମୁଦ୍ର ଗର୍ଭକୁ ଚାଲି ଯାଇଥାନ୍ତି । ପ୍ରଜନନ ଋତୁରେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନକୁ ନେଇ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ ମଧ୍ୟ ତାହା ବାସ୍ତବରେ ଏହା ସଫଳ ହେଉ ନଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ଡ଼ଙ୍ଗା ଶବ୍ଦରେ ଡ଼ଲଫିନ୍‌ମାନଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହୋଇଥାଏ । ଏହା ବ୍ୟତୀତ ଫାଇବର ଜାଲରେ ପଡି ଏହି ସ୍ତନ୍ୟପାୟୀ ପ୍ରାଣୀଙ୍କର ମୃତ୍ୟୁ ହୋଇଥାଏ। ଯାହାକୁ ନେଇ କୋଣାର୍କ ଥାନା ଅନ୍ତର୍ଗତ ଚନ୍ଦ୍ରଭାଗା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ଏକ ଡଲଫିନ ଓ ଅଲିଭ୍ ରିଡ୍‌ଲେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।

## 'ଶିକ୍ଷିତ ଓଡ଼ିଆ ଆଜି ଭାଷାର ଆତତାୟୀ ପାଲଟିଛନ୍ତି' : କବି ବିପିନ ନାୟକ

**ଭୁବନେଶ୍ୱର, ୨୯/୩ ନ୍ୟୁଜ ବ୍ୟୁରୋ**

ଆମ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଉଦ୍ୟମ ପର୍ଯ୍ୟାପ୍ତ ନୁହେଁ । ଜନଗଣଙ୍କ ସ୍ତରରେ ଭାଷା ଓ ସାହିତ୍ୟର ଉନ୍ନତି ହୋଇପାରୁ ନାହିଁ, କାରଣ ଶିକ୍ଷିତ ଓଡ଼ିଆମାନେ ହିଁ ଭାଷାର ଆତତାୟୀ ପାଲଟୁଛନ୍ତି ବୋଲି ବିଶିଷ୍ଟ କବି ବିପିନ ନାୟକ ଉଲ୍ଲେଖ କରିଛନ୍ତି । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗଦେଇ କବି ନାୟକ ଜୀବନ ଓ ସାହିତ୍ୟ ଯାବତୀୟ ଯୁକ୍ତିର ଉର୍ଦ୍ଧ୍ୱରେ ବୋଲି ପ୍ରକାଶ କରିଛନ୍ତି। ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକଙ୍କ ସହିତ ଆଳାପ କ୍ରମେ ଶ୍ରୀ ନାୟକ କହିଛନ୍ତି ଯେ କବିମାନେ ଅତିମାତ୍ରାରେ ଅବେଗସିକ୍ତ, ପ୍ରବଣ । ଅତ୍ୟଧିକ ଉତ୍ପାଦନରେ ଯେପରି ଅର୍ଥନୀତି ଭୁଶୁଡ଼ି ପଡ଼େ, ସେହିପରି ପ୍ରଚୁର ଅକବିତା ଶୁଭଙ୍କର ନୁହେଁ । ଶ୍ରୀ ନାୟକ ତାଙ୍କ କାବ୍ୟଯାତ୍ରାର ବିସ୍ତୃତ ବିବରଣୀ ଦେବା ସହିତ ଜୀବନର ବିଭିନ୍ନ ଅନୁଭୂତି ବର୍ଣ୍ଣନା କରିଥିଲେ । ଡ. ପ୍ରଦୀପ୍ତ କୁମାର ବାରିକ, ବିଜୟ ପ୍ରସାଦ ମହାପାତ୍ର, ପବିତ୍ର ମୋହନ କର, ବିପିନ ବିହାରୀ ତ୍ରିପାଠୀ, ଲକ୍ଷ୍ମୀଧର ଦାଶ ଓ କୁମୁଦିନୀ ଜୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ



'ଅତିଥି କବି' ଭାବରେ କେ. ଶ୍ୟାମବାବୁ ଦୋରା କବିତା ପାଠ କରିଥିଲେ । ପ୍ରଥମେ କବି ରମାକାନ୍ତ ରଥଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିବାବେଳେ କବି ଶ୍ରୀ ନାୟକ ଓ ଶ୍ରୀ ଦୋରାଙ୍କୁ ଅନୁଷ୍ଠାନ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା । ଶ୍ୟାମାକିଙ୍କର ମହାନ୍ତି କବି ରମାକାନ୍ତଙ୍କ କବିତା ପରିବେଷଣ କରିଥିଲେ । ପରେ ଉପସଭାପତି ମିନତୀ ଦାସ ଓ ତରୁଣ କବି ବେଦପ୍ରକାଶ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବିଧୁଭୂଷଣ ତ୍ରିପାଠୀ, ରଜନୀକାନ୍ତ ପଟ୍ଟନାୟକ, ଆଶୋକ ସିଂହ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚାଲାଣ ବେଳେ ଏୟାରପୋର୍ଟରୁ ଜୀବଜନ୍ତୁ ଉଦ୍ଧାର

**ଭୁବନେଶ୍ୱର, ୨୯/୩ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ଏୟାରପୋର୍ଟରୁ ଏକ ଆନ୍ତରାଷ୍ଟ୍ରୀୟ ଜୀବଜନ୍ତୁ ତସ୍କରୀ ଗ୍ୟାଙ୍ଗକୁ ଧରିଛି କଷ୍ଟମ ବିଭାଗ । ବ୍ୟାଂକକରୁ ଭାୟା ଭୁବନେଶ୍ୱର ଦେଇ ଚେନ୍ନାଇ ଚାଲାଣ ହେଉଥିଲା ସ୍ୱତନ୍ତ୍ର ଧରଣର ସାପ, କଇଁଛ ଓ ଝିଟିପିଟି। ତାମିଲନାଡୁର ଶଙ୍କର ମୁର୍ଗନ୍ ନାମକ ଜଣେ ବ୍ୟକ୍ତି ବ୍ୟାଗରେ ଏସବୁ ନେଇ ଯାଉଥିବା ବେଳେ, କଷ୍ଟମ ବିଭାଗ ଉଦ୍ଧାର କରିଛି । ସେଥିମଧ୍ୟରେ ୨ଟି ପ୍ରଜାତିର ୯ଟି ସାପ, ୧୦ଟି କଇଁଛ ଓ ୧୨ଟି ଝିଟିପିଟି ଅଛନ୍ତି । ମାମଲାରେ ତାମିଲନାଡୁର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମ ବିଭାଗ। ଏନେଇ ବନବିଭାଗକୁ ଖବର ଦିଆଯାଇଥିବା ବେଳେ ଛାନ୍‌ଭିନ୍ ଆରମ୍ଭ ହୋଇଛି । ଉଦ୍ଧାର ଜୀବଜନ୍ତୁ ସବୁ ନନ୍ଦନକାନନରେ ରଖାଯିବ ବୋଲି କଷ୍ଟମ ଅଧିକାରୀ ସୂଚନା ଦେଇଛନ୍ତି ।



# ଦୁଇଗୁଣ ହେବ ଗ୍ରୀଷ୍ମ ଲହର : ଲଗାତର ୧୦-୧୨ ଦିନ ଚାଲିବ ଲୁ'

**ନୂଆଦିଲ୍ଲୀ, ୨୯/୩**

ଦେଶରେ ଚଳିତ ବର୍ଷ ଅନୁମାନ ଠାରୁ ବହୁ ଅଧିକ ମାତ୍ରାରେ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁସାରେ, ଭାରତରେ ହିଟ୍‌ୱେଭ ଦିନ ସଂଖ୍ୟା ଦୁଇଗୁଣା ହୋଇପାରେ। ଏପ୍ରିଲ ଜୁନ୍‌ରେ ୧୦ରୁ ୧୨ ଦିନ ଧରି ଲଗାତର ଲୁ' ଚାଲିପାରେ। ଅର୍ଥାତ ଏହି ଦିନ ଗୁଡ଼ିକରେ ତାପମାତ୍ରା ସାଧାରଣ ତାପମାତ୍ରାଠାରୁ ୫ ଡିଗ୍ରୀ ସେଲ୍‌ସିୟସ ବା ଅଧିକ ରହିପାରେ। ସାଧାରଣତଃ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ୫ରୁ ୬ ଦିନ ଲୁ' ଚାଲିଥାଏ। ଦେଶର ଉତ୍ତର-ପୂର୍ବ ରାଜ୍ୟ ହରିୟାଣା, ପଞ୍ଜାବ, ରାଜସ୍ଥାନ, ହିମାଚଳ ପ୍ରଦେଶ, ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ଦିଲ୍ଲୀରେ ଗ୍ରୀଷ୍ମପ୍ରବାହ ବା ଲୁ' ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଯଦି ହିଟ୍‌ୱେଭ୍ ସଂଖ୍ୟା ଦୁଇଗୁଣ ହୁଏ ତେବେ ୨୦୨୫ ସବୁଠୁ ଉତ୍ତପ୍ତ ବର୍ଷ ହେବ ବୋଲି ପାଣିପାଗ ବୈଜ୍ଞାନିକମାନେ ଚେତାଇଛନ୍ତି। ୨୦୨୪ ଭାରତରେ ସବୁଠୁ ଗରମ ବର୍ଷ ମଧ୍ୟରୁ ଅନ୍ୟତମ ଥିଲା। ଗତବର୍ଷ ଦେଶରେ ୫୫୪ ଦିନ ହିଟ୍‌ୱେଭ୍‌ର ପ୍ରଭାବ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗୋଟିଏ ବର୍ଷ ୩୬୫ ଦିନ ହୋଇଥିଲେ ହେଁ ହିଟ୍‌ୱେଭ୍‌କୁ ଗଣିବାର ପ୍ରକ୍ରିୟା ଅଲଗା ହୋଇଥାଏ। ଉଦାହରଣ ସ୍ୱରୂପ, ଦିଲ୍ଲୀରେ ୧୦ ଦିନ, ରାଜସ୍ଥାନରେ ୧୫ ଦିନ, ୟୁପିରେ ୧୨ ଦିନ ଏପରି ସବୁ ରାଜ୍ୟରେ ଚାଲିଥିବା ଗ୍ରୀଷ୍ମପ୍ରବାହ ଦିନକୁ ମିଶାଇ ମୋଟ ହିଟ୍‌ୱେଭ୍ ସଂଖ୍ୟା ହିସାବ କରାଯାଇଥାଏ। ଅର୍ଥାତ ହିଟ୍‌ୱେଭ ଦିନ ସଂଖ୍ୟା ହେଉଛି ଦେଶରେ ମୋଟ ଗ୍ରୀଷ୍ମପ୍ରବାହ ଘଟଣା। ଏହାକୁ କ୍ୟାଲେଣ୍ଡର ଦିନ ହିସାବରେ ଗଣାଯାଏ ନାହିଁ। ସମତଳ, ପାହାଡ଼, ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ହିଟ୍‌ୱେଭ୍ ସ୍ଥିତି ସ୍ଥିର କରିବାର ଆଧାର ଭିନ୍ନ ହୋଇଥାଏ। ପାହାଡ଼ିଆ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ହେଲେ, ଉପକୂଳବର୍ତ୍ତୀ ଅଞ୍ଚଳରେ ତାପମାତ୍ରା ୩୭ ଡିଗ୍ରୀରୁ ଅଧିକ ଏବଂ ସମତଳ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ହେଲେ ସେଠାରେ ହିଟ୍‌ୱେଭ ବା ଲୁ' ଚାଲିଥିବା କୁହାଯାଏ । ସାଧାରଣ ତାପମାତ୍ରାଠାରୁ ୫ ଡିଗ୍ରୀ ବା ଅଧିକ ଥିଲେ ମଧ୍ୟ ତାହାକୁ ହିଟ୍‌ୱେଭ୍ କୁହାଯାଇଥାଏ । ଭାରତରେ ପ୍ରତିବର୍ଷ ହିଟ୍‌ୱେଭ୍ ଦିନ ସଂଖ୍ୟା ବଢି ଚାଲିଛି। ୨୦୨୪ରେ ଏହା ୫୫୪ ଦିନ ଥିଲା ବେଳେ ୨୦୨୩ରେ ୨୩୦ ଦିନ, ୨୦୨୨ରେ ୨୦୨ ଦିନ, ୨୦୨୧ରେ ୩୬ ଦିନ ଥିଲା। ପ୍ରଶାନ୍ତ ମହାସାଗରରେ ପାଣିର ତାପମାତ୍ରା ଅସ୍ୱାଭାବିକ ଭାବେ ବଢ଼ିଲେ ଅଲ୍-ନିନୋ ସ୍ଥିତି ସୃଷ୍ଟି ହୋଇଥାଏ। ଏଥିଯୋଗୁ ଭାରତରେ କମ୍ ବର୍ଷା ଏବଂ ଅଧିକ ଗରମ ଅନୁଭୂତ ହୋଇଥାଏ। ଅନ୍ୟପକ୍ଷରେ ଜଳବାୟୁ ପରିବର୍ତ୍ତନ ଯୋଗୁ ମଧ୍ୟ ବାୟୁମଣ୍ଡଳରେ ତାପମାତ୍ରା ବୃଦ୍ଧି ପାଉଛି।

# ଇକୋ ରିଟ୍ରିଟକୁ ଆସିଛନ୍ତି ୨୮,୩୬୯ ପର୍ଯ୍ୟଟକ

**ଭୁବନେଶ୍ୱର, ୨୯/୩ ନ୍ୟୁଜ ବ୍ୟୁରୋ**

ଚଳିତବର୍ଷ ଓଡିଶାର ୭ଟି ସ୍ଥାନରେ ଆୟୋଜିତ ହୋଇଥିବା ଇକୋ ରିଟ୍ରିଟକୁ ୨୮,୩୬୯ ଜଣ ପର୍ଯ୍ୟଟକ ଆସିଛନ୍ତି । ଇକୋ ରିଟ୍ରିଟରୁ ୭କୋଟି ୮୦ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହୋଇଥିବାବେଳେ ୭୬କୋଟି ଟଙ୍କାରୁ ଅଧିକ ବ୍ୟୟ ହୋଇଛି । ଇକୋ ରିଟ୍ରିଟ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା । ଉପମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି ଯେ ୨୦୨୪-୨୫ ବର୍ଷରେ ରାଜ୍ୟ ସାତଟି ସ୍ଥାନ ରାମଚଣ୍ଡୀ-କୋଣାର୍କ, ବାଲିପୁଟ-ସାତକୋଶିଆ, ପେଣ୍ଠ-ଭିତରକନିକା, ହୀରାକୁଦ, ଦାରିଙ୍ଗିବାଡି, ପୁତସିଲ-କୋରାପୁଟ ଓ ଗଞ୍ଜାମର ସୋନାପୁର ବେଳାଭୂମିରେ ଇକୋ ରିଟ୍ରିଟ ଆୟୋଜିତ ହୋଇଥିଲା । ଏଠାକୁ ୨୮,୩୬୯ଜଣ ପର୍ଯ୍ୟଟକ ଆସିଥିଲେ । ଏଥି ମଧ୍ୟରୁ ସର୍ବାଧିକ ୧୧,୧୦୯ଜଣ ରାମଚଣ୍ଡୀ-କୋଣାର୍କକୁ ଆସିଥିବାବେଳେ ଭିତରକନିକାକୁ ୩୩୩୩ ଜଣ, ସୋନାପୁର ବେଳାଭୂମିକୁ ୩୧୬୮, ଦାରିଙ୍ଗିବାଡିକୁ ୩୧୫୫, ସାତକୋଶିଆକୁ ୨୮୮୫ ଏବଂ ପୁତସିଲକୁ ୨୪୩୬ଜଣ ଆସିଥିଲେ । ଇକୋ ରିଟ୍ରିଟ ପରିଚାଳନା ପାଇଁ ଦୁଇଟି ସଂସ୍ଥା ଇ-ଫାକ୍ଟର ଏକ୍ସପେରିଏନ୍ସ ଲିମିଟେଡ ଓ ୟାଲା ଇକୋ ରିଟ୍ରିଟ ପ୍ରାଇଭେଟ ଲିମିଟେଡକୁ ଦିଆଯାଇଥିଲା । ଏହି ଦୁଇ ସଂସ୍ଥାକୁ ଏ ବାବଦରେ ୭୬,୦୦,୮୮,୪୨୬ ଟଙ୍କା ପ୍ରଦାନ କରାଯାଇଛି । ରାମଚଣ୍ଡୀ କୋଣାର୍କ ପାଇଁ ସର୍ବାଧିକ ୨୭ କୋଟି ୨୬ଲକ୍ଷ ଟଙ୍କା ଦିଆଯାଇଥିଲା ସବୁଠାରୁ କମ ୬କୋଟି ୫୬ଲକ୍ଷଟଙ୍କା ଦାରିଙ୍ଗିବାଡିପାଇଁ ପ୍ରଦାନ କରାଯାଇଛି ।